

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୧ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 31 August 2024

Vol.No. 35 ■ No.233 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଶିଖ୍ ବିରୋଧୀ ଦଙ୍ଗା: ଜଗଦୀଶ ଟାଇଟଲରଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୩୦/୮ : ପୂର୍ବତନ କଂଗ୍ରେସ ସାଂସଦ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଦାଖଲ ହେବ ଅଭିଯୋଗ। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ। ଆଜି ଏହି ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି କୋର୍ଟ। ରିପୋର୍ଟ ଅନୁସାରେ, ୧୯୮୪ ମସିହାରେ ଶିଖ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ବିରୋଧରେ ହତ୍ୟା ଏବଂ ଅନ୍ୟାନ୍ୟ ଅପରାଧିକ ଅଭିଯୋଗ ଦାଖଲ କରିବାକୁ ଦିଲ୍ଲୀ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୩୧, ୧୯୮୪ ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀମାନେ ଗୁଳି କରି ହତ୍ୟା କରିଥିଲେ, ଏହି ଘଟଣା ପରେ ଦେଶର ବିଭିନ୍ନ ସ୍ଥାନରେ ଶିଖ୍ ବିରୋଧୀ ଦଙ୍ଗା ଆରମ୍ଭ ହୋଇଥିଲା। ଏହି ସମୟରେ ଦିଲ୍ଲୀର ଆଜାଦ ମାର୍କେଟରେ ଅବସ୍ଥିତ ଗୁରୁଦ୍ୱାର ପୁଲ ବଙ୍ଗାଶରେ ଆନ୍ଦୋଳନକାରୀ ମାନେ ନିଆଁ ଲଗାଇ ଦେଇଥିଲେ। ଏଥିରେ ସର୍ଦ୍ଦାର ଠାକୁର ସିଂହ, ବାଦଲ ସିଂହ ଏବଂ ଗୁରୁଚର ସିଂହ ନାମକ ତିନି ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ହତ୍ୟାର ପର ଦିନ ଏହି ଘଟଣା ଘଟିଥିଲା। ସେତେବେଳେ ଟାଇଟଲର ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିବା ନେଇ ସିବିଆଇ ଅଭିଯୋଗରେ ଉଲ୍ଲେଖ କରିଥିଲା। ସିବିଆଇ ଚାର୍ଜସିଟରେ ଅଭିଯୋଗ କରିଛି ଯେ, କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଟାଇଟଲର ନଭେମ୍ବର ୧, ୧୯୮୪ରେ ଗୁରୁଦ୍ୱାର ପୁଲ ବଙ୍ଗାଶ ସମ୍ମୁଖରେ ଏକ କାରରୁ ବାହାରି ଶିଖମାନଙ୍କୁ ହତ୍ୟା କରିବା ପାଇଁ ଆନ୍ଦୋଳକାରୀଙ୍କୁ ପ୍ରବର୍ତ୍ତାଇଥିଲା। ତଦନ୍ତକାରୀ ସଂସ୍ଥା ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୧୪୭ (ଦଙ୍ଗା), ୧୦୯ (ଉତ୍ତେଜନା) ଏବଂ ଧାରା ୩୦୨ (ହତ୍ୟା) ଅନୁଯାୟୀ ମାମଲା ଦାୟର କରିଥିଲା। ଗତ ବର୍ଷ ଅଗଷ୍ଟରେ ଏହି ମାମଲାରେ ଟାଇଟଲରଙ୍କୁ ଏକ ସେଶନ କୋର୍ଟ କିଛି ସର୍ତ୍ତ ରଖି ଜାମିନ ପ୍ରଦାନ କରିଥିଲେ। ବର୍ତ୍ତମାନ ତାଙ୍କ ବିରୋଧରେ ହତ୍ୟା ଏବଂ ଅନ୍ୟାନ୍ୟ ଅପରାଧିକ ଅଭିଯୋଗ ଦାଖଲ କରିବାକୁ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା: ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୦/୮ : ମହାରାଷ୍ଟ୍ରରେ ଭାଙ୍ଗିଥିଲା ଛତ୍ରପତି ଶିବାଜୀଙ୍କ ୩୫ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତି । ସିନ୍ଧୁଦୁର୍ଗ ଜିଲ୍ଲା ରାଜକୋଟ୍ ଦୁର୍ଗରେ ଥିଲା ପ୍ରତିମୂର୍ତ୍ତି । ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ କ୍ଷମା ମାଗିଲେ ପ୍ରଧାନମନ୍ତ୍ରୀ । ଆଜି ପାଲଘରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଦୁଃଖ ପ୍ରକାଶ କରିବା ସହ କ୍ଷମା ପ୍ରାର୍ଥନା କରିଛନ୍ତି ମୋଦି । ପ୍ରଧାନମନ୍ତ୍ରୀ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜ କେବଳ ଗୋଟିଏ ନାଁ କି ଜଣେ ରାଜା ନୁହନ୍ତି। ଆମ ପାଇଁ ସେ ଭଗବାନ ସଦୃଶ। ଆଜି ତାଙ୍କ ଚରଣରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା କରୁଛି । ମହାରାଷ୍ଟ୍ର ସିନ୍ଧୁଦୁର୍ଗ ଜିଲ୍ଲାର ରାଜକୋଟ୍ ଦୁର୍ଗରେ ରହିଥିଲା ଛତ୍ରପତି ଶିବାଜୀଙ୍କ ୩୫ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତି । ତେବେ କିଛି ଦିନ ତଳେ ପ୍ରବଳ ବର୍ଷା ଓ ପବନରେ ଭାଙ୍ଗି ଯାଇଥିଲା ଏହି ପ୍ରତିମୂର୍ତ୍ତି । ଯାହାକୁ ମହାରାଷ୍ଟ୍ର ସମେତ ଦେଶର ଅନ୍ୟ ସ୍ଥାନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଗତବର୍ଷ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିବାଜୀ ମହାରାଜାଙ୍କର ଏହି ବଡ଼ ପ୍ରତିମୂର୍ତ୍ତିକୁ ଉଦଘାଟନ କରିଥିଲେ। କିନ୍ତୁ ବର୍ଷେ ନପୁରୁଣୁ ପ୍ରତିମୂର୍ତ୍ତିଟି ଭୁଶୁଡ଼ି ପଡ଼ିଲା । ଯାହାକୁ ନେଇ ସାରା ମହାରାଷ୍ଟ୍ରରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି ।

ସବୁ ନଦୀ ବିପଦ ସଙ୍କେତ ତଳେ

ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟର ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ବୋଲି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଂଜନ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ବର୍ତମାନ ହୀରାକୁଦକୁ ୧.୩୦ ଲକ୍ଷ କ୍ୟୁସେକ ଜଳ ପଶୁଛି ଓ ୬୦ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। କାଲି ଖଇରମାଳରେ ୨ ଲକ୍ଷରୁ ଅଢ଼େଇ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ବ୍ରାହ୍ମଣୀରେ ବନ୍ୟାଜଳ କମୁଛି। ତେଣୁ ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି।

ଆଉ କଲେଜ୍ କ୍ୟାମ୍ପସରେ ଚାଲିବନି ନାଚ ତାମସା: 'ନୂଆ-ଓ'କୁ ବନ୍ଦ କଲେ ମୋହନ ସରକାର

ଭୁବନେଶ୍ୱର, ୩୦/୮ (ନି.ପ୍ର): କ୍ୟାମ୍ପସରେ ଶୈକ୍ଷିକ ବାତାବରଣକୁ ନଷ୍ଟ କରି ଆଉ ଚାଲିବନି ନାଚ ତାମ୍ବା। ବନ୍ଦ ହେଲା ନୂଆ ଓ' । ପୂର୍ବ ନବୀନ ସରକାରର ନୂଆ ଓ କାର୍ଯ୍ୟକ୍ରମକୁ ବନ୍ଦ କରି ମୋହନ ସରକାର ଫାଇନାନସିଆଲ ଆସିଷ୍ଟାନ୍ସ ଟୁ ୟୁଜି ପିଜି ଷ୍ଟୁଡେଣ୍ଟସ ନାଁରେ ନୂଆ ଯୋଜନା ଆଣିବାକୁ ଯାଉଛନ୍ତି। ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କହିଛନ୍ତି ଚଳିତ ବର୍ଷଠାରୁ ଏହି ଯୋଜନା ପ୍ରଣୟନ ହେବ। ଏଥିପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ଏପଟେ ଗୃହରେ ସରକାରଙ୍କ ଏ ଉତ୍ତର ପରେ ଆରମ୍ଭ ହୋଇଛି ରାଜନୀତି । ନୂଆ ଓ ଯୋଜନା ବନ୍ଦ ନିଷ୍ପତ୍ତିକୁ ସହଜରେ ହଜମ କରି ନପାରି ସୋସିଆଲ ମିଡିଆରେ କ୍ୟାମ୍ପେନ୍ ଆରମ୍ଭ କରି ▶▶ପୃଷ୍ଠା ୭

ଫିଟୁନି ରହସ୍ୟ: ଏୟାରପୋର୍ଟ ପରିସରରୁ ଜବତ ସୁନା-ରୁପାକୁ ନେଇ ତନାଘନା, ମିଳୁନି ହିସାବ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଭୁବନେଶ୍ୱର ବିମାନ ବନ୍ଦର ପରିସରରୁ ଦୁଇ ଦୁଇଟି ଭ୍ୟାନରୁ ମିଳିଥିବା ବିପୁଳ ସୁନା, ରୁପା ଗଣତିରେ ଯବନିକା ପଡ଼ିଛି ସତ । କିନ୍ତୁ, ଫିଟୁନି ପ୍ରେରକ ଓ ଗ୍ରାହକଙ୍କ ସଂପର୍କିତ ରହସ୍ୟ । ୪ ଦିନ ବିତିଗଲା, ମୁମ୍ବାଇରୁ ଭୁବନେଶ୍ୱରକୁ ବକ୍ସ ସହିତ ଆସିଥିବା ସୁନା ଗହଣା ଓ ରୁପା ମଧ୍ୟରୁ ଅଢ଼େଇ କେଜି ସୁନା ଓ ୮୦ କେଜି ରୁପାର ଦାବିଦାର କିଏ, ଏଯାଏଁ ତଥ୍ୟ ପାଉନି ସିଟି-ଜିଏସଟି ବିଭାଗ । ତେଣୁ ଏହି ସୁନା-ରୁପା ଥିବା କୋଠରୀକୁ ସିଲ୍ କରି ଅଦୃଶ୍ୟ ଦାବିଦାରଙ୍କ ଉଦ୍ଦେଶ୍ୟରେ ୪୮ ଘଣ୍ଟାର ମହଲତ ଦେଇଛି । ହେଲେ କାହିଁକି ଆସିଥିଲା ଏତେ ପରିମାଣର ସୁନା ରୂପା ? କିଏ ପଠାଇଥିଲେ ମୁମ୍ବାଇରୁ ଭୁବନେଶ୍ୱର ? କାହା ପାଖକୁ ଆସିଥିଲା ଏତେ ? ୪ଦିନ ହେଲା ଲାଗିରହିଛି ହଟଚମଟ । ତା'ଭିତରେ ରାଜ୍ୟର ୨୦ଟି ଗହଣା ଦୋକାନର ମାଲିକ ସାମ୍ନାକୁ ଆସି ନିଜ ନିଜର ବୈଧ କାଗଜପତ୍ର ଦେଖାଇଛନ୍ତି ସତ, ▶▶ପୃଷ୍ଠା ୭

ଖୁବଶୀଘ୍ର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ହେବେ: ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଖୁବଶୀଘ୍ର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ହେବେ । ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ପ୍ରଶ୍ନକାଳରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପୂର୍ବରୁ ଅଧ୍ୟାପକ ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟ ଆଇନ ୨୦୨୦ ସଂଶୋଧନ କରାଯାଇ ଓପିଏସି ଦ୍ୱାରା ନିଯୁକ୍ତି ଦିଆଯାଉଛି । ଯାହା ଦ୍ୱାରା ୟୁଜିସି ଗାଇଡ୍‌ଲାଇନ ପରିପନ୍ଥୀ ଥିଲା । ୟୁଜିସି ଗାଇଡ୍‌ଲାଇନ ଅନୁସାରେ ବିଶ୍ୱବିଦ୍ୟାଳୟରେ କମିଟି ଗଠନ କରି ଅଧ୍ୟାପକ ନିଯୁକ୍ତି ଦେବା କଥା । କିଭଳି ଭାବେ ବିଶ୍ୱବିଦ୍ୟାଳୟ ଦ୍ୱାରା ଅଧ୍ୟାପକ ନିଯୁକ୍ତି ଦିଆଯିବ, ସେଥିପାଇଁ ଆଇନ ସଂଶୋଧନ କରିବା ସହ ୟୁଜିସିକୁ ପ୍ରସ୍ତାବ ଦିଆଯିବ । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସରିଛି । ସେ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୧୧୮୭ ଅଧ୍ୟାପକ ପଦବୀ ଖାଲି ପଡିଛି । ଏହାକୁ ପୂରଣ କରିବାକୁ ଗୃହରେ ଦୃଢୋକ୍ତି ପ୍ରକାଶ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ରାଜ୍ୟରେ ୪୩ ଟି ବିଶ୍ୱବିଦ୍ୟାଳୟ ରହିଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୮ ସରକାରୀ ଓ ୭ ଘରୋଇ ସମେତ ୨୫ ବିଶ୍ୱବିଦ୍ୟାଳୟ ଅଛି । ସେହିପରି ବାରିପଦା ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ।

ଆସିଲା ନୂଆ ଅବକାରୀ ନୀତି: କେବଳ ଥ୍ରୀ-ଷ୍ଟାର ହୋଟେଲକୁ ମିଳିବ ନୂଆ ବାର ଲାଇସେନ୍ସ

ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆଜି ନୂଆ ଅବକାରୀ ନୀତି ଘୋଷଣା କରିଛନ୍ତି । ସେପ୍ଟେମ୍ବର ପହିଲାରୁ ଆସନ୍ତାବର୍ଷ ମାର୍ଚ୍ଚ ଶେଷପର୍ଯ୍ୟନ୍ତ ଏହି ଅବକାରୀ ନୀତି ସମଗ୍ର ରାଜ୍ୟରେ କାର୍ଯ୍ୟକ୍ଷମ ହେବ । ଏହି ଅବଧି ମଧ୍ୟରେ ରାଜ୍ୟରେ କୌଣସି ପ୍ରକାରର ନୂଆ ମଦ ଦୋକାନ ଖୋଲିପାରିବ ନାହିଁ ବୋଲି ନୂଆ ଅବକାରୀ ନୀତିରେ ଉଲ୍ଲେଖ ରହିଛି । ରାଜ୍ୟ ସରକାରଙ୍କଠୁ ମିଳିଥିବା ସୂଚନା ଅନୁସାରେ, ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ପହିଲାରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅବଧି ପାଇଁ ନୂଆ ଅବକାରୀ ନୀତି ପ୍ରଣୟନ କରାଯାଇଛି । ଏଥିରେ ବେଆଇନ ମଦ କାରବାରକୁ ରୋକିବା ଓ ମଦ୍ୟପାନ ▶▶ପୃଷ୍ଠା ୭

'ସୁଭଦ୍ରା' ଯୋଜନା ପାଇଁ ଆବେଦନ କରିପାରିବେ ଅଙ୍ଗନବାଡ଼ି କର୍ମୀ

ଭୁବନେଶ୍ୱର, ୩୦/୮ (ନି.ପ୍ର): 'ସୁଭଦ୍ରା' ଯୋଜନା ପାଇଁ ଅଙ୍ଗନବାଡ଼ି କର୍ମୀ କରିପାରିବେ ଆବେଦନ। ଏନେଇ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଅଙ୍ଗନବାଡ଼ି କର୍ମୀଙ୍କ ସମେତ ସହାୟିକା, ଆଶା କର୍ମୀ, କମ୍ୟୁନିଟି ରିସୋର୍ସ ପର୍ସନମାନେ ଆବେଦନ କରିପାରିବେ। ଏହାବ୍ୟତୀତ ▶▶ପୃଷ୍ଠା ୭

ସୁପ୍ରିମକୋର୍ଟଙ୍କ ତାଗିଦ ପରେ କ୍ଷମା ମାଗିଲେ ରେଭନ୍ତ ରେଡ୍ଡୀ

ନୂଆଦିଲ୍ଲୀ, ୩୦/୮ : ବିଆରଏସ ନେତ୍ରୀ କେ କବିତାଙ୍କୁ ଜାମିନ ମିଳିବା ଉପରେ ତେଲାଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଦେଇଥିବା ବୟାନକୁ ନେଇ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ଏପରି ବୟାନ ପାଇଁ ମୁଁ ବିନା ସର୍ତ୍ତରେ କ୍ଷମା ପ୍ରାର୍ଥନା କରୁଛି ବୋଲି ରେବନ୍ତ ରେଡ୍ଡୀ କହିଛନ୍ତି। ପ୍ରକାଶ ଥାଉକି, ତେଲାଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ବିଆରଏସ ନେତ୍ରୀ କେ କବିତାଙ୍କୁ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗିରଫ କରା ଯାଇଥିଲା। ଅଗଷ୍ଟ ୨୮ରେ ସୁପ୍ରିମକୋର୍ଟ ଏହି ମାମଲା ଉପରେ ଶୁଣାଣି କରି କେ କବିତାଙ୍କୁ ଜାମିନ ଦେଇଛନ୍ତି। ଏହାକୁ ନେଇ ରେଭନ୍ତ ରେଡ୍ଡୀ ବିଜେପି ଏବଂ ବିଆରଏସ ମଧ୍ୟରେ ଚୁକ୍ତି ହୋଇଥିବା କହିଥିଲେ। ପରୋକ୍ଷରେ ସେ ସୁପ୍ରିମକୋର୍ଟଙ୍କ ଉପରେ ସନ୍ଦେହ ପ୍ରକାଶ କରି ରେଭନ୍ତ ରେଡ୍ଡୀ କହିଥିଲେ, 'ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଜାମିନ ପାଇଁ ୧୫ ମାସ ଅପେକ୍ଷା କରିବାକୁ ପଡ଼ିଥିଲା। ▶▶ପୃଷ୍ଠା ୭

ଓଡ଼ିଶା ବିରୋଧରେ ଗର୍ଜୁଥିଲେ ମମତା: କଡ଼ା ଜବାବ ଦେଲେ ମୋହନ

ଭୁବନେଶ୍ୱର, ୩୦/୮ (ନି.ପ୍ର): ନବୀନ ସରକାରଙ୍କ ସମୟରେ ଉଭୟ ରାଜ୍ୟ ଭିତରେ ଥିଲା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ନବୀନ ମମତାଙ୍କୁ ଭଉଣୀ ତୁଲ୍ୟ ସମ୍ମାନ ଦେଉଥିଲେ। ହେଲେ ସରକାର ବଦଳିବା ପରେ ସବୁକିଛି ଓଲଟ ପାଲଟ ହୋଇଯାଇଛି। ମମତାଙ୍କ ବିଜେପି ବିରୋଧି ମନୋଭାବ ପାଇଁ ଓଡ଼ିଶା ସହ ଶତ୍ରୁ ଭଳି ଅଚରଣ କରୁଛନ୍ତି। ଆପଣଙ୍କୁ ଏ ଅଧିକାର ଦେଲା କିଏ ? ଓଡ଼ିଶା ସମ୍ପର୍କରେ ଆପଣ ଏମତି କହିପାରିଲେ କେମିତି ? ଏମିତି କେତୋଟି ପ୍ରଶ୍ନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କହିଛନ୍ତି, ଓଡ଼ିଶା ସମ୍ପର୍କରେ ମମତାଙ୍କ ମନ୍ତବ୍ୟକୁ ଓଡିଶାବାସୀ ଆଦୌ ଗ୍ରହଣ କରିବେ ନାହିଁ। କାରଣ ଏହା ଏକ ଶାନ୍ତିପ୍ରିୟ ରାଜ୍ୟ। ▶▶ପୃଷ୍ଠା ୭

ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି: କୋଟିଏ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ ଠାବ

ବାଲେଶ୍ୱର, ୩୦/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ କୁମାର ଦାସ ଠୁଳ କରିଛନ୍ତି ପୁଳା ପୁଳା ସଂପତ୍ତି। ତା' ମଧ୍ୟରେ ରହିଛି ଏକ ମାର୍କେଟ କମ୍ପ୍ଲେକ୍ସ। ଏହାର ଦାମ୍ ୧ କୋଟି ଟଙ୍କାରୁ ଅଧିକ ହେବ। ▶▶ପୃଷ୍ଠା ୭

ଦେବାଳୟ ସୁରକ୍ଷା କମିଟି ନୁଆଁଖାଇ ୩ ଦିନ ଛୁଟି ଏବଂ ମନ୍ଦିରମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର, ୩୦/୮ (ନି.ପ୍ର): ନୁଆଁଖାଇ ଛୁଟି ୩ ଦିନ ପାଇଁ ଦେବାଳୟ ସୁରକ୍ଷା କମିଟି ଓ ବିଭିନ୍ନ କମିଟି ସହ ମିଶି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଲାଙ୍ଗୀର ପାଟଣା ଇଷ୍ଟଦେବି ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ନୁଆଁଖାଇ ଉପଲକ୍ଷେ ଆଲୋକ ସଜ୍ଜା ଓ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣ ଏବଂ ଆଗାମୀ ୮ ତାରିଖ ଦିନ ନୁଆଁଖାଇ ପର୍ବ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ବଲାଙ୍ଗିରରେ ବିଭିନ୍ନ ମନ୍ଦିରମାନଙ୍କୁ ସାଜସଜ୍ଜା କରିବା ପାଇଁ ଦେବାଳୟ ସୁରକ୍ଷା କମିଟି ଦାବିକରିଛି। ତିନି ଦିନିଆ ଛୁଟି ଘୋଷଣା ପାଇଁ ଦାବି ରଖିଛି। ଏ ବିଷୟ ରାଜ୍ୟ ସରକାର ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି କରୁଛି ଏବଂ ଅନ୍ୟାନ୍ୟ ବିଷୟରେ ୨୦୨୩ ରେ ମନ୍ଦିର ନିର୍ମାଣ କାର୍ଯ୍ୟ ମାଁ ସମଲେଶ୍ୱରୀ ମନ୍ଦିର କେବଳ ୪ଟି ପିଲର ନିର୍ମାଣ ହୋଇ ମନ୍ଦିର କାର୍ଯ୍ୟ ଆଗେଇ ନଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ମା' ସମଲେଶ୍ୱର ମନ୍ଦିର କେଳ ଛାତ ଢଳେଇ କରି ଛାଡି ଦେଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ମା' ପାଟଣେଶ୍ୱରୀ ମନ୍ଦିର ମରାମତି କାର୍ଯ୍ୟ ବିଳମ୍ବିତ ଏବଂ ଗର୍ଭ ଗୃହ ଓ ମାଁ ଙ୍କ ପ୍ରତିମୂର୍ତ୍ତିରେ ମାଟି ଖସୁଛି, ତାର ପୁନଃ ନିର୍ମାଣ କରାଯାଉ, ମାଁ ସମଲେଶ୍ୱରୀ ମନ୍ଦିର ଶୈଳପୁତ୍ରୀ ମୁର୍ତି ଭଙ୍ଗ ହୋଇଯାଇଥିବାବେଳେ ନୂତନ ମୁର୍ତି ଲଗାଇବାକୁ ଦାବି, ଓଡିଶା ସରକାର ନୁଆଁଖାଇ ପାଇଁ ସମସ୍ତ ଦେବାଳୟମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଦାବି ଏବଂ ପଶ୍ଚିମ ଓଡିଶା ଗଣପର୍ବ ନୁଆଁଖାଇ ତିନି ଦିନିଆ ଛୁଟି ଘୋଷଣା ପାଇଁ ଦାବି କରାଯାଇଛି। ଦେବାଳୟ ସୁରକ୍ଷା କମିଟିର ଆବାହକ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକ, ଜୟକୃଷ୍ଣ ମିଶ୍ର, ମାହେଶ୍ୱରୀ ଅନୁଷ୍ଠାନର ଅଧ୍ୟକ୍ଷ ଅଙ୍କୁଶ କୁମାର ପାଣ୍ଡିଆ, ବିବେକାନନ୍ଦ ପଟେଲ, ସଚିକାନ୍ତ ନାଏକ, ରିଂଟୁ ସାହୁ, ଶୁଭମ ଅଗ୍ରୱାଲ, ନରେନ୍ଦ୍ର କବାଟ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

ଯୁଯୋମୁରା ବ୍ଲକ୍ ବିଭାଜନ ଦାବିରେ ସରକାର ନୀରବଦ୍ରଷ୍ଟା

ସମ୍ବଲପୁର, ୩୦/୮ (ନି.ପ୍ର): ସାମାଜିକ,ଭୌଗଳିକ, ଦୂରତା, ଗମନାଗମନ ସମସ୍ୟା ସବୁ ଦୃଷ୍ଟିକୁ ନେଇ ଯୁଯୋମୁରା ଯୋନ-୧ କୁ ନେଇ ସ୍ୱତନ୍ତ୍ର ବ୍ଲକ୍ ଗଠନ ପାଇଁ ଆଜକୁ ୨୦ ବର୍ଷ ଧରି ଦାବି ହୋଇ ଆସୁଛି । ଏପରିକି ଯୁଯୋମୁରା ପଂଚାୟତ ସମିତି ବୈଠକରେ ମଧ୍ୟ ଏନେଇ ବାରମ୍ବାର ଦାବି ଉପସ୍ଥାପନା କରାଯାଇ ପ୍ରସ୍ତାବ ନିଆଯାଇଛି । କିନ୍ତୁ ଏଭଳି ପ୍ରସ୍ତାବ ନେଇ ବ୍ଲକରୁ ଆଗକୁ ଯାଇପାରୁନଥିବା କାରଣରୁ ପଡିଆବାହାଲ ସ୍ୱତନ୍ତ୍ର ବ୍ଲକ ଦାବି ଦାବିରେ ରହିଯାଇଛି କ୍ଷ ବାହାମ, ଡଙ୍ଗରପଡା, କବରାପାଲି, ଟାମ୍ପରଗଡ, କୁକୁଡାପାଲି, ଜୟନ୍ତପୁର, ଘେନୁପାଲି, ନୂଆଁବରଙ୍ଗାମାଲ ମେଘପାଳ ସହିତ ପ୍ରାୟ ସମସ୍ତ ପଂଚାୟତର ସରପଂଚ ଓ ସମିତି ସଦସ୍ୟଙ୍କ ସହିତ ଜିଲ୍ଲାପରିଷଦ ସଦସ୍ୟ ମାନେ ମଧ୍ୟ ଦାବି ପଛରେ ଯୌକ୍ତିକତା ରହିଥିବା ନେଇ ଦାବି କରି ଆସୁଛନ୍ତି । ଏପରିକି ପ୍ରଶାସନିକ ଦୃଷ୍ଟିକୁ ନେଇ ମଧ୍ୟ ଦାବିର ଯଥାର୍ଥତାକୁ ପ୍ରଶାସନିକ ଅଧିକାରୀ ମାନେ ଏହାକୁ ସ୍ୱୀକାର କରୁଥିଲେ ସୁଦ୍ଧା ଯଥାର୍ଥ ଦାବି ଆଗକୁ ବଢିପାରୁନଥିବା ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ପଡିଆବାହାଲ ଓ ଯୁଯୋମୁରା ଉଭୟ ୨ ଟି ଭିନ୍ନ ଦିଗ ଓ ୬୦ ରୁ ଉର୍ଦ୍ଧ୍ୱ କିଲୋମିଟର ପଡୁଥିବା ଓ ସିଧାସଲଖ କୌଣସି ରାସ୍ତା ନଥିବାରୁ ସାଧାରଣତଃ ଯୁଯୋମୁରା ଯୋନ-୦୧ ର ଜନସାଧାରଣ ପାଇଁ ବିଭିନ୍ନ ସମସ୍ୟାର କାରଣ ପାଲଟିଛି । ସାମାଜିକ ଓ ଭୌଗଳିକ ଦୃଷ୍ଟି କୋଣରୁ ମଧ୍ୟ ଯୁଯୋମୁରା ଏହି ଅଂଚଳପାଇଁ ଏକ ଅନ୍ତରାୟ ସୃଷ୍ଟି କରୁଥିବା ନେଇ ପୂର୍ବତନ ବିଧାୟକ ଇଂ.ରୋହୀତ ପୂଝାରୀଙ୍କ ନିକଟରେ ଅଂଚଳର ବହୁ ବ୍ୟକ୍ତି ଯୁକ୍ତି ଉଠାଇ ସରକାରଙ୍କ ଠାରେ ପ୍ରସ୍ତାବ ରଖିବାକୁ ଦାବି ଉଠାଇଥିଲେ । ବର୍ତମାନର ପଂଚାୟତ ରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ମଧ୍ୟ ପଡିଆବାହାଲ ବ୍ଲକ ପୁନଃଗଠନକୁ ନେଇ ପୂର୍ବରୁ ତାଙ୍କର ସକାରାତ୍ମକ ମତ ରହିଥିଲା । ଏ ସଂପର୍କରେ ଅଂଚଳର କେତେକ ନେତୃସ୍ଥାନୀୟ,ସାମାଜିକ କର୍ମୀ ଓ ଅଂଚଳ ବାସୀ ମଧ୍ୟ ବାରମ୍ବାର ଦାବି କରିବା ସହ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏପରିକି ଏଭଳି ପ୍ରସ୍ତାବ ରଖିବାବେଳେ ଗୁଣୀ, ଜ୍ଞାନୀ ବୁଦ୍ଧିଜୀବୀ ସବୁ ମହଲରୁ ସମର୍ଥନର ସ୍ରୋତ ମଧ୍ୟ ବଢୁଥିବା ଲକ୍ଷ କରାଯାଇଛି । ଏପରିକି ଅତୀତରେ ଯୁଯୋମୁରା-୧ ର ସେହି ସମୟର ଜିଲ୍ଲା ପରିଷଦ ସଦସ୍ୟ ଜିଲ୍ଲା ପରିଷଦ ବୈଠକରେ ଯୁଯୋମୁରା ଜୋନ ୧କୁ ସହିତ ଜମନକିରା ବ୍ଲକ୍ ର କୁଲୁଣ୍ଡି, ଖରସନମାଲ ଓ ମୁଣ୍ଡେନପାଲି ପଂଚାୟତକୁ ନେଇ ସ୍ୱତନ୍ତ୍ର ବ୍ଲକ୍ ଦାବି ଉତ୍ଥାପନ କରିଥିଲେ । ଏହାପୂର୍ବରୁ ପଡିଆବାହାଲ ଠାରେ ଏକାଧିକ ବୈଠକ ବସି ଯୁଯୋମୁରା ଜୋନ-୧ ର ୭ ପଂଚାୟତ ସହିତ ମେଘପାଳ ପଂଚାୟତ ଓ ମାନେଶ୍ୱର ବ୍ଲକର ନୂଆଁ ଡିହୁରା, ଜମନକିରା ବ୍ଲକ୍ର ମୁଣ୍ଡେନପାଲି, ଖରସନମାଲ,କୁଲୁଣ୍ଡି ପଂଚାୟତକୁ ମିଶାଇ ୧୩ ପଂଚାୟତର ଜନପ୍ରତିନିଧିଙ୍କ ସହିତ ଅଂଚଳର ବୁଦ୍ଧିଜୀବୀଙ୍କ ମିଳିତ ଦସ୍ତଖତ ଥାଇ ସରକାରଙ୍କୁ ଏକ ପ୍ରସ୍ତାବ ପଠାଯାଇଥିଲା । ରାଜ୍ୟ ସରକାର ମଧ୍ୟ ଏଥିରେ ହଁ ମାରିଥିବା ବେଳେ ବ୍ଲକ ପୁନଃର୍ଗଠନ ହୋଇନଥିବାରୁ ଏଭଳି ପ୍ରସ୍ତାବ ଫାଇଲ ଭିତରେ ରୁନ୍ଧିହୋଇ ପଡିଛି। ଯୁଯୋମୁରା ବ୍ଲକ୍ ବିଭାଜନ ନେଇ ବିଗତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷା ମମତା ନାଏକ ,ଜିଲ୍ଲାପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା,ଯୁଯୋମୁରା ଜୋନ୧ ର ଜିଲ୍ଲା ପରିଷଦ ସଦସ୍ୟା କବିତା ସାହୁ ସହିତ ଅନ୍ୟନ୍ୟ ପଂଚାୟତର ଜନପ୍ରତିନିଧିମାନେ ମଧ୍ୟ ସମର୍ଥନ ଦେଇଥିଲେ । ଜୋନ-୦୧ ସହିତ ସ୍ଥାନୀୟ ଆଉ କିଛି ପଂଚାୟତକୁ ମିଶାଇ ସ୍ୱତନ୍ତ୍ର ବ୍ଲକ୍ ଗଠନ ଏକ ଲମ୍ବା ଦିନ ଦାବି ହୋଇଥିବାରୁ ଦଲମତ ନିର୍ବିଶେଷରେ ସମଗ୍ର ଜନତା ମଧ୍ୟ ଏହାକୁ ସମର୍ଥନ ଦେଉଥିବାରୁ ସରକାର ଏଦିଗରେ ପଦକ୍ଷେପ ନେବାକୁ ଦାବି ତୀବ୍ରତର ହେବାରେ ଲାଗିଛି ।

କେନ୍ଦ୍ରାପଡ଼ା ପୌରସଂସ୍ଥା ତରଫରୁ ସମୂହ ସଫେଇ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୩୦/୮ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଆନୁକୂଲ୍ୟରେ ସହରର ବିଭିନ୍ନ ସ୍ଥାନରେ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ଅଧ୍ୟକ୍ଷା ସରିତା ସାହୁଙ୍କ ନେତୃତ୍ୱରେ ପୌର ଉପାଧ୍ୟକ୍ଷା ଆକବରି ଖାତୁନ୍, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, କାଉନ୍‌ସିଲର ରମେଶ ଚନ୍ଦ୍ର ଦାସ, ଉମେଶ ନାୟକ, ଅସୀମା ନାୟକ ପ୍ରମୁଖଙ୍କ ସମେତ ମନେନ୍ଦ୍ର ରାଉତ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ପରେଶ ଦାସ, ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ, କୋର୍ଟ ପରିସର, ଜିଲ୍ଲା କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ ଓ ସହରର ବିଭିନ୍ନ ସ୍ଥାନ ସଫେଇ କରି ଜନସାଧାରଣଙ୍କୁ ସ୍ୱଚ୍ଛତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

ମାଦକ ଦ୍ରବ୍ୟ ସେବନ ନ କରିବା ପାଇଁ ସଚେତନତା

ସମ୍ବଲପୁର, ୩୦/୮ (ନି.ପ୍ର): ସମ୍ବଲପୁର ଫାଟକ ବେର୍ଣ୍ଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ନିଜେ ଜୀବନରେ କେବେ କୌଣସି ନିଶା ସେବନ କରିବେ ନାହିଁ ଏବଂ ସମାଜର ଅନ୍ୟ ମାନଙ୍କୁ ନିଶା ଠାରୁ ଦୂରେଇ ରଖିବା ସଙ୍ଗେ ସଙ୍ଗେ ଏକ ସୁସ୍ଥ ସମାଜ ତଥା ନିଶା ମୁକ୍ତ ଭାରତ ଗଠନ ପାଇଁ ସାମୁହିକ ଶପଥ ଗ୍ରହଣ କରିଛନ୍ତି । ପ୍ରଧାନାଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସଂଗଠନର କର୍ମକର୍ତା ବିଜୟ କୁମାର ସ୍ୱାଇଁ, ସଂସ୍କୃତିରତ୍ନ କାର୍ତିକ ପ୍ରସାଦ ବହିଦାର, ସନ୍ଦୀପ କୁମାର ଶ୍ରୀବାସ୍ତବ ପ୍ରମୁଖ ଯୋଗଦେଇ ଉଦ୍'ବୋଧନ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ନିଶା ମୁକ୍ତ ଭାରତ ଗଠନର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ଆମେ ତାଙ୍କର ଦାୟାଦ ମାନେ ସମ୍ପୂର୍ଣ୍ଣ କରିବା ବୋଲି ସଂସ୍କୃତିରତ୍ନ କାର୍ତିକ ପ୍ରସାଦ ବହିଦାର୍ ନିଜ ବକ୍ତବ୍ୟରେ କହିଥିଲେ । ପ୍ରଧାନାଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମାଁ ଓ ଛାତ୍ରଛାତ୍ରୀ ମାନେ ଏହି ସଚେତନତା ସମାରୋହରେ ଅଂଶ ଗ୍ରହଣ କରିଥିଲେ ।

ଗୁଲନଗର ଗ୍ରାମ ପଂଚାୟତରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଗାଁ ଦାଣ୍ଡରେ ବର୍ଷାପାଣି ଜମି ରାସ୍ତା ସମ୍ପୂର୍ଣ୍ଣ ଭାବେ ବେହାଲ

କେନ୍ଦ୍ରାପଡ଼ା, ୩୦/୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମ ପଂଚାୟତ ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଓ ଗଳି ଗଳିରେ ପଚାପାଣି ଜମିରହିଛି । ସେହି ପାଣିରୁ ଜନ୍ମ ନେଉଛନ୍ତି ମଶା ଆଉ ମାଛି । ଯାହାଦ୍ୱାରା ବହୁଲୋକ ଝାଡା ବାନ୍ତିର ଶିକାର ମଧ୍ୟ ହେଉଛନ୍ତି । ଡ୍ରେନେଜ ଏବଂ ଗ୍ରାମରେ ନିଜସ୍ୱ ସ୍ମଶାନ ପାଇଁ ପଂଚାୟତ ନିର୍ବାଚିତ ପ୍ରତିନିଧିମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସମ୍ପୂର୍ଣ ଭାବେ ବିଫଳ ହୋଇଛି । ନା ହୋଇପାରିଲା ଡ୍ରେନେଜ ବ୍ୟବସ୍ଥା ନା ନିଜସ୍ୱ ସ୍ମଶାନ । ଅସରାଏ ବର୍ଷା ହେଉହେଉ ଗ୍ରାମରେ ଭରିଯାଉଛି ଆଣ୍ଠୁଏ ଆଣ୍ଠୁଏ ପାଣି । କିନ୍ତୁ ବିଗତ ଦିନରେ ଗୁଲନଗର ପଂଚାୟତ ସ୍ୱଚ୍ଛ ପରିମଳ ପଂଚାୟତ ଭାବେ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା । କିନ୍ତୁ ଏଠି ସମ୍ପୂର୍ଣ ଭାବେ ଓଲଟା । କାରଣ ଯଦି ଗାଁକୁ କିଏ ପଶିଆସେ ତେବେ ସିଏ କେବେ କହିବନି ଇଏ ସେହି ଗୁଲନଗର ପଂଚାୟତ ଯିଏ ରାଷ୍ଟ୍ରପତି ପୁରସ୍କାର ପାଇଥିଲା ସ୍ୱଚ୍ଛତା ପାଇଁ ଓ ବର୍ଷକ ସାରା ରାସ୍ତା ଉପରେ ଜମି ରହୁଛି ଆଣ୍ଠୁଏ ଆଣ୍ଠୁଏ ପାଣି । ନିଷ୍କାସନ ପାଇଁ ନାହିଁ ଡ୍ରେନେଜ ବ୍ୟବସ୍ଥା । ଖାଲି କଥା କହିଲେ ବାବୁମାନଙ୍କର ରାଗ ପଶିଯାଉଛି ଓ ପ ।ୟତରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘର ଦ୍ୱାରମୁହଁରେ ପଚା ପାଣି ଜମି ରହୁଛି ତ କାହା ଘରେ ଅସରାଏ ବର୍ଷା ହେଲେ ପାଣି ପଶିଯାଉଛି । ଏହିଭଳି ସ୍ଥିତିରେ ରହିଛି ଗୁଲନଗର ପଂଚାୟତ ଅବସ୍ଥା ଓ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ରାସ୍ତା ଯେଉଁଭଳିଆ ସେହିଭଳିଆ ରହିଛି । ଖାଲି ସେତିକି ନୁହେଁ ଲୋକେ ପିଇବା ପାଣି ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ବିଭିନ୍ନ ସ୍ଥାନମାନଙ୍କରେ ପାଣି ପାଇପ ଫାଟିଯିବା କାରଣରୁ ଦୁଇ ତିନିଦିନ ପର୍ଯ୍ୟନ୍ତ ଲୋକେ ପିଇବା ପାଣି ପାଇଁ ନାକେଦମ ହେଉଛନ୍ତି ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଜେ.ଇ ଏବଂ ଠିକାଦାରଙ୍କ ମଧ୍ୟରେ ରହିଥିବା ମଧୁଚନ୍ଦ୍ରିକା ପାଇଁ ଏହିଭଳି ଅସୁବିଧା ଗୁଲନଗର ପଂଚାୟତରେ ଉପୁଜୁଛି । ଗୁଲନଗର ପଂଚାୟତରେ ୧୨ଟି ୱାର୍ଡ ଥିବାବେଳେ ୬ଟି ରାଜସ୍ୱ ଗ୍ରାମ ରହିଛି ଯେଉଁଥିରେ ନିଜସ୍ୱ ସ୍ମଶାନ କହିଲେ ଗୋଟିଏ ବି ନାହିଁ । ଗୁଲନଗର ଲୋକେ ପୌରପାଳିକା ଅନ୍ତର୍ଗତ କଜଳା ସ୍ମଶାନ ଯାଉଥିବାବେଳେ ଖଇରବାଦ ଓ ସୁଜାନଗର ଲୋକେ କପାଳେଶ୍ୱରସ୍ଥିତ କଇଁଥା ମୂଳ ଯାଉଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଗୁଲନଗର ଗ୍ରାମ ପ ।ୟତ ସହର ଉପକଣ୍ଠରେ ଥିବାବେଳେ ତାହାର ଚିତ୍ର ଏହିପରି ଭାବରେ ରହିଛି । ଖାଲି ଦେଖିବା ବାକି ରହିଲା ନ୍ୟୁଜକୁ ଦେଖିଲାପରେ ପ ।ୟତ ଅବସ୍ଥା ସୁଧୁରୁଛି କି ଅସଜଡ଼ା ରହୁଛି ତାହା ରହିଲା ଅପେକ୍ଷାରେ ।

ବିଜେପି ପକ୍ଷରୁ ବାଲିମେଳାରେ ଅନୁଷ୍ଠିତ ହେଲା ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା

ମାଲକାନଗିରି, ୩୦/୮ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ବିଜେପି କାର୍ଯ୍ୟାଳୟରେ ଆଜି ବାଲିମେଳା ମଣ୍ଡଳ ସଭାପତି ଶିବଦତ ସାହୁଙ୍କ ସଭାପତିତ୍ୱରେ ବାଲିମେଳା ମଣ୍ଡଳ ସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି । ବାଲିମେଳା ସହରରେ କିପରି ଅଧିକାରୁ ଅଧିକ ଲୋକ ମାନଙ୍କୁ ଦଳର ସଦସ୍ୟ କରାଯିବ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ସଦସ୍ୟତା ଅଭିଯାନ ପ୍ରଥମ ପର ?ୟାୟରେ ଚଳିତ ବର୍ଷ ସେପଟମ୍ବର ୧ ରୁ ସେପଟମ୍ବର ୧୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚଳିତ ବର୍ଷ ଅକ୍ଟୋବର ୧ ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ବାଲିମେଳା ସହରର ତଥା ଦଳର ପ୍ରଭାରୀ ଦାଇତ୍ୱରେ ଥିବା ଟି ମହେଶ୍ୱର ଏହି କର୍ମଶାଳାରେ ଯୋଗ ଦେଇଥିଲେ ।ଏହି ବୈଠକରେ ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ , ଜିଲ୍ଲା ସାଧାରଣ ସମ୍ପାଦକ ଅକ୍ଷୟ କୁମାର ବିଶ୍ୱାଳ, ଜିଲ୍ଲା ସଂଖ୍ୟାଲଘୁ ସେଲର ଜିଲ୍ଲା ସଭାପତି ଜୋସେଫ ଦିଲୀପ , ପୂର୍ବତନ ମଣ୍ଡଳ ସଭାପତି ଶୁଭାଶିଷ କର , ମଣ୍ଡଳ ସାଧାରଣ ସମ୍ପାଦକ ବୈଶାଖ ବରାଡ଼ , ପୂର୍ବତନ ନଗରପାଳ ଶୁଭେନ୍ଦୁ ପଟନାୟକ, ଶ୍ରୀପତି ପାର୍ଜି, ଅରୁଣ କୁମାର ପାତ୍ର,ରବୀନ୍ଦ୍ର ନାୟକ,ମନୋଜ ଖିଲ , ଆର ରାଜା, ସମାଜସେବୀ ପୂର୍ଣଚନ୍ଦ୍ର ତ୍ରିପାଠୀ ,ଅକ୍ଷୟ ମହାରଣା,ପ୍ରଶାନ୍ତ ରାଉଳ , କାଉନସିଲର ମନୋଜ ଦେବ ପାର୍ଜି, ବିମଲ ବେହେରା, ଜ୍ୟୋତିରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣଙ୍କ ସମେତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ। ବୈଠକରେ କିଭଳି ଭାବେ ବାଲିମେଳା ସହରରେ ଅଧିକରୁ ଅଧିକ ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ବିଜେପି ପ୍ରତି ବଢିବା ସହିତ ଦଳର ସଦସ୍ୟତା ଗ୍ରହଣ କରିବେ ଓ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାର ପ୍ରଣୟନ କରାଯାଇଥିବା ବିଭିନ୍ନ ପ୍ରକାର ଜନ ହିତକର ଯୋଜନା ଗୁଡିକୁ ଲୋକଙ୍କ ପାଖରେ ପହଂଚିବାର ବ୍ୟବସ୍ଥା କରାଯିବ ଏବଂ ଉକ୍ତ ଯୋଜନା ଗୁଡିକ ବିଷୟରେ ଲୋକଙ୍କୁ ବୁଝାଇ ଅବଗତ କରାଇବା ପାଇଁ ଦଳର ସମସ୍ତ କର୍ମକର୍ତାଙ୍କୁ ପରାମର୍ଶ ଦିଆଯାଇଥିଲା । ପ୍ରାୟ ୨୦୦୦ ଜଣ ସଦସ୍ୟଙ୍କୁ ବିଜେପି ପରିବାର ସହିତ ସଂଯୋଗ କରିବା ପାଇଁ ଆଲୋଚନା କରାଯାଇଥିଲା । ସଭ୍ୟ ସଂଗ୍ରହ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ବାଲିମେଳା ମଣ୍ଡଳ ପକ୍ଷରୁ ସର୍ବ ସମ୍ମତି କ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ।

ବେଆଇନ ବାଲିଘାଟ ରାସ୍ତାକୁ କାଟିଲା ପ୍ରଶାସନ

ଧର୍ମଶାଳା, ୩୦/୮ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ମହେଶ୍ୱରପୁର ଚାନ୍ଦପୁର ବ୍ରାହ୍ମଣୀ ଘାଟରେ ଚଳିତ ମାସରେ ଅଘଟଣ ଘଟିଥିଲା । ଚାନ୍ଦପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବେଆଇନ ବାଲି ଖାଲ ପାଣିରେ ବୁଡି ଜଣେ ଛାତ୍ର ନିଖୋଜ ହେବା ପର ଦିନ ପାଣିରୁ ଛାତ୍ରର ମୃତ ଦେହ ଉଦ୍ଧାର ହୋଇଥିଲା । ଫଳରେ ବେଆଇନ ବାଲି ଘାଟ ଯୋଗୁ ଛାତ୍ରର ଜୀବନ ଯାଇଥିବା ବେଳେ ଅନ୍ୟ ୨ ଜଣ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ । ତେବେ ଏହି ଘଟଣା ଘଟିବା ପରେ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା । ଫଳରେ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚି ବେଆଇନ ବାଲି ଘାଟରେ ବ୍ୟବହୃତ ୨ଟି ପ୍ରୋକେଲିନକୁ ଜବତ କରିଥିଲା । ଅନ୍ୟ ପକ୍ଷେ ଏହି ବେଆଇନ ବାଲି ଘାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ସ୍ଥାନୀୟ ଅଂଚଳର ଉତ୍ୟକ୍ତ ଲୋକେ ବରୁହାଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତା ଚାନ୍ଦପୁର ବ୍ରିଜ ଉପରେ ଟାୟାର ଜାଳି ରସ୍ତା ଅବରୋଧ କରିଥିଲେ । ଜିଲା ପ୍ରଶାସନ ଘଟଣାସ୍ଥଳରେ ପଂହଚି ବେଆଇନ ବାଲି ଘାଟ ବନ୍ଦ କରିବା ପ୍ରତିଶ୍ରୁତି ଦିଆଯିବା ପରେ ଘଟଣା ଶାନ୍ତ ପଡିଥିଲା । ଏହି ଘଟଣାକୁ ପ୍ରଶାସନ ଗୁରୁତର ସହ ନେଇ ଆଜି ଚାନ୍ଦପୁର ନିକଟସ୍ଥ ବେଆଇନ ବାଲି ଘାଟକୁ ଯାଇଥିବା ରାସ୍ତାକୁ ଜେସିବି ସାହାଯ୍ୟରେ କାଟି ଦିଆଯାଇଥିବା ଜଣାପଡିଛି । ଏହି ନଦୀ ବନ୍ଧ ଓ ନ

ଧ୍ୱନି ପ୍ରତିଧ୍ୱନି

୩

♣ ବାଲେଶ୍ୱର ♣ ଶନିବାର, ୩୧ ଅଗଷ୍ଟ , ୨୦୨୪

ଅଧିକ ପରିଚ୍ଛନ୍ନତା ବିପଦର କାରଣ !

ପିଲାବେଳେ ଆମେ ସ୍କୁଲରେ ପ୍ରଥମେ ପଢୁଥିଲୁ- ସଦାସର୍ବଦା ଘରେ ଓ ବାହାରେ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ । ଏବୁ ମଧ୍ୟରେ ଦୈନିକ ନିୟମିତ ସ୍ନାନ, ଦନ୍ତମଞ୍ଜନ, ଖାଦ୍ୟ ଗ୍ରହଣ ପୂର୍ବରୁ ଭଲକରି ହାତଧୋଇବା ଆଦି ଅନ୍ୟତମ । ଏସବୁ ବ୍ୟକ୍ତିଗତ ନିୟମକାନୁନ୍ ନ ମାନିଲେ ଆମ ସ୍ୱାସ୍ଥ୍ୟ ହାନି ହେବାର ଆଶଙ୍କା ରହିଛି ।

ଛୋଟ ବେଳେ ପରିଷ୍କାର-ପରିଚ୍ଛନ୍ନ ରହିବାର ଅଭ୍ୟାସ ପୁଣି ଆଉ କାହା ଜୀବନରେ ଅଜଣା ବିପଦକୁ ଡାକିଆଣେ । ମାତ୍ରାଧିକ ପରିଷ୍କାର-ପରିଚ୍ଛନ୍ନ ରହିବାର ଅଭ୍ୟାସ ଆମ ଶରୀରକୁ ନିୟନ୍ତ୍ରିତ କରିବା ପରିବର୍ତ୍ତେ ଳକେତେକ ଭୟଙ୍କର ରୋଗକୁ ନିମନ୍ତ୍ରଣ କରେ । ଏ ସମ୍ପର୍କରେ କାନାଡ଼ାର ଜଣେ ଗବେଷକ ବିସ୍ତୃତ ବିବରଣୀ ଦେଇଛନ୍ତି । ବୋଷ୍ଟନସ୍ଥିତ ଆମେରିକୀୟ ଆସୋସିଏସନ ଫର ଦି ଆଡ଼ଭାନ୍ସମେଣ୍ଟ୍ ଅଫ ସାଇନ୍ସ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ଏହି ଗବେଷକ ଜଣକ ନିଜ ଯୁକ୍ତି ସପକ୍ଷରେ ବିଭିନ୍ନ ନଥିପତ୍ର ପ୍ରେସ କରିଥିଲେ । ଏଥିରେ ଉଲ୍ଲେଖ ରହିଛି ଯେ ପ୍ରଦୂଷଣ ଜନିତ ଅପରିଚ୍ଛନ୍ନତା ମଣିଷ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ । ତେବେ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରିବେଶରୁ ମଧ୍ୟ ନାନା ରୋଗ ଜାତହୁଏ । ଏହି ରୋଗ କବଳରେ ପଡ଼ି ସବୁଠୁଁ ବେଶୀ ଅସୁସ୍ଥ ହୋଇ ଶିଶୁମାନେ କଷ୍ଟ ଭୋଗିଥାନ୍ତି । ଏ ସମ୍ପର୍କରେ ସମୀକ୍ଷା କ୍ରମେ ଦେଖାଯାଇଛି ଯେ ଯେଉଁ ଶିଶୁମାନେ ନିୟମିତ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରୁଥାନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସାଧାରଣତଃ ଶ୍ୱାସ ରୋଗର ଶିକାର ହୋଇଥାନ୍ତି । 'ପିଚିୟା' ନାମକ ଏକ ଜୀବାଣୁ ଯୋଗୁ ଶିଶୁମାନଙ୍କର ଶ୍ୱାସକଷ୍ଟ ବୃଦ୍ଧି ପାଇଥାଏ । ଏହି ଶ୍ୱାସରୋଧକାରୀ ବ୍ୟାକ୍ଟେରିଆଗୁଡ଼ିକ କିନ୍ତୁ ପରିଷ୍କାର-ପରିଚ୍ଛନ୍ନ ଜାଗା ଅଥବା ବିଶୁଦ୍ଧ ଜଳରେ ରହିଥାନ୍ତି । ଏହି ବ୍ୟାକ୍ଟେରିଆ ଗୁଡ଼ିକ ଶ୍ୱାସକଷ୍ଟ ବ୍ୟତୀତ ଅନନ୍ୟ ବହୁ ରୋଗରୁ ଶିଶୁମାନଙ୍କୁ ରୋଗମୁକ୍ତ କରି ବଞ୍ଚାଇ ରଖିଥାଏ । ଏଣୁ ସାମ୍ପ୍ରତିକ ସମୟ ଓ ସମାଜରେ କିଛି ମାତ୍ରାରେ ପ୍ରଦୂଷଣ ଅଥବା ଅପରିଚ୍ଛନ୍ନତା ମଧ୍ୟ ଜୀବନଧାରଣ ନିମନ୍ତେ ଖୁବ୍ ଆବଶ୍ୟକ ବୋଲି ଏହି ଗବେଷଣାଲବ୍ଧ ରିପୋର୍ଟରୁ ଜଣାପଡ଼ିଛି ।

ରକ୍ତଦାନ କଲେ ସୁସ୍ଥ ରହିବେ

କଥାରେ ଅଛି ରକ୍ତଦାନଠାରୁ କିଛି ମହାନ ପୂଣ୍ୟ ନାହିଁ । ହେଲେ ଜାଣନ୍ତି କି ରକ୍ତଦାନ ଦ୍ୱାରା ଆମ ଶରୀର କେତେ ସୁସ୍ଥ ଓ ସବଳ ରହିଥାଏ !

ରକ୍ତଦାନ ଉପରେ ଆମେ ଅନେକ ବିଜ୍ଞାପନ ଦେଖିଛୁ । ଏହାସହ ରକ୍ତଦାନ ଦ୍ୱାରା ଅନେକ ଜୀବନ ରକ୍ଷା ହୋଇପାରୁଥିବା ଜାଣିଛେ । ଏହାକୁ ଆମେ ସାମାଜିକ କର୍ତ୍ତବ୍ୟ ଭାବେ ନେଇ କାର୍ଯ୍ୟ କରିଥାଉ । ହେଲେ ଏହି ରକ୍ତଦାନ ଆମ ସ୍ୱାସ୍ଥ୍ୟ ପାଇଁ ହିତକର, ଏକଥା ବହୁତ କମ୍ ଲୋକ ଜାଣନ୍ତି । ଏହା ଶରୀର ପାଇଁ ହିତକର । ଏହାଦ୍ୱାରା ମାନସିକ ଶାନ୍ତି ମଧ୍ୟ ମିଳିଥାଏ । ଆମେ କେତେକଙ୍କଠାରୁ ଶୁଣିଛେ ମହିଳାଙ୍କ ପକ୍ଷେ ରକ୍ତଦାନ ହିତକର ନୁହେଁ । ହେଲେ ଏହା ବାସ୍ତବରେ ସତ୍ୟ ନୁହେଁ । ମହିଳାମାନେ ମଧ୍ୟ ରକ୍ତଦାନ କଲେ ସୁସ୍ଥ ରହିପାରିବେ । ରକ୍ତଦାନ କେତେଦୂର ଆମ ସ୍ୱାସ୍ଥ୍ୟ ପାଇଁ ହିତ ଆସନ୍ତୁ ସେ ସମ୍ପର୍କରେ କିଛି ଜାଣିବା ।

ଆଇରନ୍‌ସ୍ତର ସନ୍ତୁଳନ: ଏକ ଅନୁସନ୍ଧାନରୁ ଜଣାପଡିଛି ଖାଦ୍ୟ ଯୋଗୁଁ ଆମ ଶରୀରରେ ଆଇରନ୍ ସ୍ତର ସୃଷ୍ଟି ହୋଇଥାଏ । ରକ୍ତଦାନ ଦ୍ୱାରା ଏହି ଆଇରନ୍ ସ୍ତର ସନ୍ତୁଳନ ହୋଇଥାଏ । ରକ୍ତରେ ଆଇରନ୍‌ର ପରିମାଣ ଅଧିକ ହେଲେ ଏହା ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ ହୋଇଥାଏ । ହୃଦ୍‌ଜନିତ ରୋଗର ଉପଶମ ପାଇଁ ରକ୍ତଦାନ କରିବାର ଆବଶ୍ୟକ ରହିଛି । ମହିଳାଙ୍କ ଋତୁସ୍ରାବ ସମୟରେ ତାଙ୍କ ଶରୀରରେ ଆଇରନ୍ ସ୍ତର ସନ୍ତୁଳନ ହୋଇଥାଏ । ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ରକ୍ତଦାନ କରିବା ସେମାନଙ୍କ ସ୍ୱାସ୍ଥ୍ୟପାଇଁ ଉତ୍ତମ ହୋଇଥାଏ । ରକ୍ତଦାନ ପରେ ଆଇରନ୍ ସ୍ତର ଠିକ୍ ଅଛି କି ନା ଡାକ୍ତର ପରୀକ୍ଷା କରିଥାନ୍ତି ।

ସ୍ୱାସ୍ଥ୍ୟ ପରୀକ୍ଷା: ରକ୍ତଦାନ ପୂର୍ବରୁ ବ୍ୟକ୍ତି ରକ୍ତ ଦେଇ ପାରିବ କି ନା ସେ କଥା ଡାକ୍ତର ପରୀକ୍ଷା କରି ଜାଣନ୍ତି । ପରୀକ୍ଷା ଦ୍ୱାରା ଆପଣ ସ୍ୱାସ୍ଥ୍ୟବାନ ଅଛନ୍ତି କି ନା ଆପଣ ଜାଣିପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଠାରୁ ଏ ସମ୍ପର୍କରେ ପରାମର୍ଶ ଗ୍ରହଣ କରନ୍ତୁ ।

କର୍କଟ ରୋଗର ଉପଶମ: ଶରୀରରେ ଆଇରନ୍‌ର ପରିମାଣ କମିଗଲେ କର୍କଟ ରୋଗର ସୂଚନା ମିଳିଥାଏ । ତେଣୁ ରକ୍ତଦାନ କରି ଫୁସଫୁସ, ବୃହାନ୍ତ୍ର, ଯକୃତ, ଗଳା କର୍କଟଠୁ ଦୂରେଇ ରୁହନ୍ତୁ ।

ଆୟତରେ ରକ୍ତଚାପ: ରକ୍ତଦାନ କରିବା ଦ୍ୱାରା ଶରୀରରେ ରକ୍ତର ମାତ୍ରା ଠିକ୍ ରହିଥାଏ । ଯଦ୍ୱାରା ରକ୍ତଚାପ ଆପଣଙ୍କ ଆୟତରେ ରହିଥାଏ ଏବଂ ଆପଣଙ୍କ ହୃଦ୍‌ପିଣ୍ଡ ସୁସ୍ଥ ରହେ ।

କୋଲେଷ୍ଟେରଲ୍‌ର ପରିମାଣ କମ୍ କରେ: ରକ୍ତ କୋଷରେ କୋଲେଷ୍ଟେରଲ୍ ଥାଏ । ଉଭୟ ଖରାପ ଏବଂ ଭଲ କୋଲେଷ୍ଟେରଲ୍ ନାଲି ରକ୍ତ କୋଷିକାରେ ଥାଏ । ରକ୍ତ ଦାନ କରିବା ଦ୍ୱାରା ରକ୍ତରେ ଥିବା କୋଲେଷ୍ଟେରଲ୍ ପରିମାଣ କମିଥାଏ ।

ରକ୍ତର ପରିମାଣ କମିବା ମାତ୍ରେ ସ୍ଥାନ ପୂରଣ: ରକ୍ତଦାନ କରିବାପରେ କମିଯାଇଥିବା ରକ୍ତର ପରିମାଣକୁ ୪-୮ ଘଣ୍ଟା ଭିତରେ ନାଲି ରକ୍ତ କୋଷ ପୂରଣ କରିଥାଏ । ତେଣୁ ଦୁର୍ଘଟଣାରେ ଦେହରୁ ରକ୍ତ ବାହାରିଗଲା ପରେ ମଧ୍ୟ ଶରୀର ସେହି ସବୁ କ୍ଷତି ବହନ କରିବାକୁ ସମର୍ଥ ହୋଇଥାଏ । ରକ୍ତଦାନ କରିବା ଦ୍ୱାରା ଏହା ଆମ ସ୍ୱାସ୍ଥ୍ୟପାଇଁ ଫଳପ୍ରଦ ହୋଇଥାଏ । ପ୍ରତି ୩ ମାସ ଅନ୍ତରରେ ପୁରୁଷମାନେ ରକ୍ତଦାନ କରୁଥିବା ବେଳେ ମହିଳାମାନେ ୪ମାସ ଅନ୍ତରରେ କରିପାରିବେ କିନ୍ତୁ ଏଥିପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରନ୍ତୁ ।

ପ୍ରଜାପତି ଆସନ

ଆସନ ପ୍ରଣାଳୀ:

-ଗୋଡ଼କୁ ସିଧାକରି ବସି ପଡ଼ନ୍ତୁ । ମେରୁଦଣ୍ଡକୁ ସିଧା ରଖନ୍ତୁ ।

- ଆଣ୍ଠୁ ପାଖରେ ଭାଙ୍ଗି ଦୁଇ ପାଦକୁ ଯୋଡ଼ନ୍ତୁ ।

- ଦୁଇ ଗୋଇଠିକୁ ଯୋଡ଼ି ଯେତେ ପାରୁଛନ୍ତି ନିଜ ଆଡ଼କୁ ଟାଣି ରଖନ୍ତୁ ।

- ଏବେ ଧୀରେ ଧୀରେ ପ୍ରଶ୍ୱାସ ନେବା ସହ ଦୁଇ ହାତକୁ ଆଣ୍ଠୁ ଉପରେ ରଖନ୍ତୁ ।

- ନିଶ୍ୱାସ ଛାଡ଼ନ୍ତୁ ଏବଂ ଆଣ୍ଠୁକୁ ତଳକୁ ଉପର କରନ୍ତୁ ।

- ଆଣ୍ଠୁକୁ ଭୂମିରେ ଲଗାନ୍ତୁ ଓ ଉପରକୁ ଉଠାନ୍ତୁ ।

- ୫ରୁ ୧୦ ମିନିଟ୍ ଏହିପରି କରନ୍ତୁ ।



ଲାଭ:

- ଏହି ଆସନଶରୀରରୁ କ୍ଲାନ୍ତି ଦୂରକରେ । ଶରୀରକୁ କମନୀୟତା ପ୍ରଦାନ କରେ । ଅବସାଦ ଦୂର କରିବା ପାଇଁ ଏହା ସହାୟକ ହୋଇଥାଏ ।

- ଏହା ହଜମ ଶକ୍ତି ବଢ଼ିବାରେ ସହାୟକ ହୋଇଥାଏ ।

- ପ୍ରଜନନ ଶକ୍ତିକୁ ତ୍ୱରାନ୍ୱିତ କରିଥାଏ ।

- ଋତୁସ୍ରାବ ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

- ମହିଳାମାନଙ୍କର ମେନୋପୋଜ (ଋତୁସ୍ରାବ ରହିତ ଅବସ୍ଥା) ପରେ ଏହି ଆସନ କରିବାରେ ବହୁ ଲାଭ ହୋଇଥାଏ ।

- ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଉପଯୋଗୀ । ସ୍ୱାଭାବିକ ପ୍ରସବ ପାଇଁ ଏହି ଆସନ ଫଳପ୍ରଦ ।

- ଏହା କିଡ଼ନୀ, ବ୍ଲାଡ଼ର, ଏଣ୍ଡ୍ରୋକାଇନ ଗ୍ଲାଣ୍ଡ ଏବଂ ଓଭାରି ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

ବିଶେଷ ସତର୍କତା: ଯଦି କୌଣସି ଆଘାତ ଲାଗିଏ, ଅପରେସନ ହୋଇଥାଏ ଅଥବା ଶାରୀରିକ ଅସୁସ୍ଥତା ଥାଏ ତେବେ ଡାକ୍ତର କିମ୍ବା ଉପଯୁକ୍ତ ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ ଏହି ଆସନ କରିବେ ।

ଥଣ୍ଡା, ଫ୍ଲୁରୁ ରକ୍ଷାକରେ ଭିଟାମିନ୍ ଡି'

ଅତିରିକ୍ତ ଭିଟାମିନ ଡି' ଗ୍ରହର ଦ୍ୱାରା ଥଣ୍ଡା, ଫ୍ଲୁ ଓ ଅନ୍ୟ ଶ୍ୱାସଜନିତ ସଂକ୍ରମଣରୁରକ୍ଷା ମିଳିପାରେ । ଏକ ନୂଆ ଅଧ୍ୟୟନରୁ ଏହା ଜଣାପଡ଼ିଛି । ୧୪ଟି ଦେଶରେ ୨୫ଟି ଚିକିତ୍ସକୀୟ ପରୀକ୍ଷଧଣର ସମୀକ୍ଷା କରି ଭିଟାମିନ ଡି ଓ ଫ୍ଲୁ ପ୍ରତିରୋଧ ମାଧ୍ୟମରେ ସମ୍ପର୍କର୍ର ପ୍ରମାଣ ପାଇଉଥିବା ବିଏମଜେ ମେଡ଼ିକାଲ ପତ୍ରିକାରେ ଗବେଷକମାନେ ଦାବି କରିଛନ୍ତି । ଅତି କମ ସ୍ତରରେ ପୋଷକତତ୍ତ୍ୱ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ତ୍ୱଚା ଅତିବାଇଗଣି ସଂସ୍ପର୍ଶରେ ଆସିବା ଦ୍ୱାବରା ଏହାର ପ୍ରଭାବ ଦୃଢ଼ ଜଣାପଡ଼ିଲା । ସୂର୍ଯ୍ୟ କିରଣ କମ ପଡୁଥିବା ସ୍ଥାନ ଓ ବାଦଲପୂର୍ଣ୍ଣ ଜଳବାୟୁରେ ଯଥେଷ୍ଟ ଭିଟାମିନ ଡି' ନଥାଏ । ପୂର୍ବରୁ ଦୀର୍ଘବର୍ଷ ଧରି ବୈଜ୍ଞାନିକମାନେ ଏ କ୍ଷେତ୍ରରେ ଅଧ୍ୟୟନ କରିବା ପରେ ଭିନ୍ନ ଭିନ୍ନ ନିଷ୍କର୍ଷରେ ପହଞ୍ଚିଛନ୍ତି । କମ୍ ସ୍ତରର ଭିଟାମିନ ଡି ହାଡ଼ଭଙ୍ଗା, ହୃଦ;ରୋଗ, କୋଲୋରେକ୍ଟାଲଏ କ୍ୟାନ୍ସର, ମଧୁମେହ, ଅବସାଦ, ଅଲଝିମର୍ସ ଓ ସର୍ବୋପରି ମୃତ୍ୟୁ ଆଶଙ୍କା ବୃଦ୍ଧି କରେ ବୋଲି କିଛି ଗବେଷକ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଭିଟାମିନ ଡି ଅଭାବ ଓ ରୋଗ ଆଶଙ୍କା ମଧ୍ୟରେ କୌଣସି ପ୍ରମାଣ ନଥିବା ମଧ୍ୟ କିଛି କହିଛନ୍ତି । ତେବେ ନୂଆ ଅଧ୍ୟୟନ ପାଇଁ ଲଣ୍ଡନରେ କ୍ୱିନ ମ୍ୟାରୀ ୟୁନିଭର୍ସିଟିରେ ଗବେଷକମାନେ ୧୧ହଜାର ଲୋକଙ୍କୁ ନେଇ ଏପର୍ଯ୍ୟନ୍ତ ସବୁଠୁ ବଡ଼ ପରୀକ୍ଷା କରିଥିଲେ । ଯଥେଷ୍ଟ ପରିମାଣ ଭିଟାମିନନ ଡି ଗ୍ରହଣଶ କଲେ ବ୍ରକ୍ତି ଥଣ୍ଡା ଓ ଶ୍ୱାସଜନପିତ ଅନ୍ୟ ସଂକ୍ରମଣରୁ ରକ୍ଷା ପାଇପାରେ ବୋଲି ସେମାନେ ସ୍ୱଷ୍ୟ କରିଛନ୍ତି ।



ମାଲାମାଲ୍ ହେବାର ସରଳ ଉପାୟ

ଆଜି ମଣିଷର ବ୍ୟସ୍ତବହୁଳ ଜୀବନରେ ଏତେ ଅଶାନ୍ତି ଓ କାର୍ଯ୍ୟଭାର ବଢ଼ିଗଲାଣି ଯେ, କିଛି କ୍ଷଣର ଶାନ୍ତି ପାଇବା ପାଇଁ ସେ ବହୁ ଉପାୟ ଅବଲମ୍ବନ କରୁଛି । ତଥାପି ସେ ଖୋଜି ପାଇପାରୁ ନାହିଁ ସୁଖ ଶାନ୍ତି । ସବୁବେଳେ ମଣିଷ ଅଧିକରୁ ଅଧିକ ଅର୍ଥ ଉପାର୍ଜନ ପାଇଁ ଏତେ ପରିଶ୍ରମ କରୁଛି । ଯାହା ଫଳରେ କି ତା ଲାଗି ଛୋଟ ବଡ଼ ଖୁସି ଓ ପରିବାର ସହ ସମୟ ବିତାଇବା କଷ୍ଟକର ହୋଇପଡୁଛି । ତେବେ ଆଜି ଆମେ ଆପଣଙ୍କୁ ଏପରି କିଛି ଉପାୟ ସମ୍ପର୍କରେ ଜଣାଇବାକୁ ଯାଉଛୁ, ଯାହାଦ୍ୱାରା ଆପଣ ନିଜ ଜୀବନରେ କିଛି ପରିବର୍ତ୍ତନ ଆଣିପାରିବେ । ଏହି ଉପାୟ ସବୁକୁ କେବଳ ରବିବାର ଦିନ ହିଁ ଆପଣଙ୍କୁ ଅବଲମ୍ବନ କରିବାକୁ ପଡ଼ିବ । ଯାହା ଫଳରେ ଆପଣଙ୍କ ଘରେ ନକାରାତ୍ମକତା ଶକ୍ତି ନାଶ ହେବା ସହ ଆପଣଙ୍କୁ ସୁଖ ଶାନ୍ତି ପ୍ରାପ୍ତ ହେବ । ତେବେ ଆସନ୍ତୁ ଜାଣିବା, ରବିବାରରେ କେଉଁ ୩ଟି ସରଳ ଉପାୟକୁ ଅବଲମ୍ବନ କଲେ ଆପଣ ହୋଇପାରିବେ ଆର୍ଥିକ ରୂପେ ସ୍ୱଚ୍ଛଳ ଓ ସଂମୃଦ୍ଧ ।।

- ରବିବାର ଦିନ ଆପଣ ନିଜ ଘରର ପ୍ରତିଟି କୋଣରେ କର୍ପୂର ଧୂଆଁ ଦିଅନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ଘର ଓ ଆପଣଙ୍କ ଉପରେ ରହିଥିବା ଖରାପ ଶକ୍ତି ପ୍ରଭାବରୁ ଆପଣଙ୍କୁ ମୁକ୍ତି ମିଳିଥାଏ ।

- ରବିବାର ଦିନ ଆପଣଙ୍କ ଗୃହକୁ ଲୁଡ ମିଶ୍ରିତ ଜଳରେ ଧୋଇବା ଉଚିତ୍ । ଏହା କରିବା ଫଳରେ ଆପଣଙ୍କ ଘରେ ସକାରାତ୍ମକତା ଉର୍ଜା ବୃଦ୍ଧି ହେବା ସହ ମା' ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଦେ ବୋଲି ମାନ୍ୟତା ରହିଛି ।

- ଆପଣ ଯଦି ଏହି ଦିନ କେଉଁଠାରୁ ଯାତ୍ରା କରୁଛନ୍ତି ତେବେ ବିଶେଷ ଧ୍ୟାନ ରଖିବେ ଯେ, ସନ୍ଧ୍ୟାରେ ଗୃହିକୁ ଫେରିବା ସମୟରେ ଏକ ଖାଦ୍ୟ ସଂରକ୍ଷଣ ବସ୍ତୁକୁ ଯେମିତି ହେଲେବି ଘରକୁ ଆଣିବେ । ଏହାଦ୍ୱାରା ଆପଣଙ୍କ ଘରେ ମାତା ଅନ୍ନପୂର୍ଣ୍ଣାଙ୍କର ସୁଦୃଷ୍ଟି ରହିଥାଏ । ତେବେ ଏହିସବୁ ଉପାୟ ଅବଲମ୍ବନ କରିବା ସମୟରେ ହୃଦୟରେ ନିର୍ମଳଭାବ ରହିବା ସହ ପରିବେଶ ସ୍ୱଚ୍ଛ ରଖିବା ଅତ୍ୟନ୍ତ ଆବଶ୍ୟକ ।

ଭୋଜନ ପରର ନିୟମ

ଆଜିକାଲି ଯେକୌଣସି ରେଷ୍ଟୋରାଁ ହେଉ କିମ୍ବା ପଞ୍ଚତାରକା ହୋଟେଲ, ଭୋଜନ ପରଷା ହେବା ପୂର୍ବରୁ ଥଣ୍ଡା ପାଣି ଗିଲାସେ ଗ୍ରାହକଙ୍କ ସମ୍ମୁଖରେ ରଖାଯାଇଥିବାର ଦେଖାଯାଉଛି । ଏପରିକି ଭୋଜନ ପରେ ମଧ୍ୟ ଥଣ୍ଡା ପାଣି ଦିଆଯାଉଛି । ତେବେ ଏହି ଥଣ୍ଡା ସ୍ୱାସ୍ଥ୍ୟପାଇଁ ଖୁବ ହାନିକାରକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ବିଶେଷ କରି ଭୋଜନ ସମୟରେ କିମ୍ବା ପରେ ଥଣ୍ଡାପାଣି କେବେହେଲେ ପିଇବା ଉଚିତ୍ ନୁହେଁ । ନଖ ଉଷୁମ ପାଣି ନଚେତ ସାଧାରଣ ତାପମାତ୍ରାରେ ଥିବା ପାଣି ପିଇଲେ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼ିନଥାଏ । ପରୀକ୍ଷାରୁ ଦେଖାଯାଇଛି ଯେ, ଯେଉଁ ବ୍ୟକ୍ତିମାନେ ଭୋଜନ ପରେ ଥଣ୍ଡା ପାଣି ପିଅନ୍ତି, ସେମାନଙ୍କ ଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଇଥାଏ । ତେଣୁ ସମସ୍ତ ବର୍ଗର ଲୋକେ ଘରେ ଫିଲଟ କିମ୍ବା ତମ୍ବା ପାତ୍ରରେ ଥିବା ପାଣି ପିଇବା ଉଚିତ ।

ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବସ୍

ତାମିଲନାଡୁସ୍ଥିତ ଅରୋଭିଲରେ ଭିନ୍ନକ୍ଷମଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ବସ୍ ଚାଳିତ ହେଉଛି । ଅନ୍ୟ କାହାର ସହାୟତା ବିନା ଜଣେ ଭିନ୍ନକ୍ଷମ ବ୍ୟକ୍ତି ବସ୍ ଭିତରକୁ ଯାଇପାରିବ ଓ ସୁରକ୍ଷିତ ଭାବରେ ଓହ୍ଲାଇପାରିବ । ଅରୋଭିଲ ନିବାସୀ ସୁସ୍ମିତା ଓ ତାଙ୍କ ବନ୍ଧୁମାନଙ୍କ ଉଦ୍ୟମରେ ଏହି କାର୍ଯ୍ୟ ସଫଳ ହୋଇଛି । ପ୍ରଥମେ ସେମାନେ ୧୨ ଆସନ ବିଶିଷ୍ଟ ଏକ ବସ୍ କିଣିଲେ କେବଳ ଭିନ୍ନକ୍ଷମଙ୍କୁ ସହାୟତା ଲକ୍ଷ୍ୟରେ ଏହି ବସ୍ କିଣା ହୋଇଥିଲା । ତେବେ, ସୁସ୍ମିତା ନିଜ କମ୍ପାନୀର କାର୍ଯ୍ୟରେ ଜର୍ମାନୀ ଯାଇଥିବା ବେଳେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଥିବା ବସଟିଏ ଦେଖିଥିଲେ । ଭାରତର ଫେରିବା ପରେ ନିଜ ବନ୍ଧୁମାନଙ୍କ ସହାୟତାରେ ସେ ଏଭଳି ବସ୍ ନିର୍ମାଣ କରିବାକୁ ଯୋଜନା କରିଥିଲେ । ବସ୍ କିଣାହେବା ପରେ ସେ ସେଠାକାର କରୁର ଜିଲ୍ଲାର ଏକ କାର ଦୋକାନକୁ ଗଲେ । ସେଠାକାର କାର, ବସକୁ ଅତ୍ୟାଧୁନିକୀକରଣ କରାଯାଏ ବୋଲି ସୁସ୍ମିତା ଜାଣିଥିଲେ । ଦୋକାନର ମୁଖ୍ୟ କର୍ମଚାରୀ ସୁସ୍ମିତାଙ୍କୁ ଜର୍ମାନରୁ ସ୍ୱତନ୍ତ୍ର ଯନ୍ତ୍ରପାତି ମଗାଇବାକୁ ପରାମର୍ଶ ଦେଲେ । କାଳବିଳମ୍ବ ନକରି ସୁସ୍ମିତା ଓ ତାଙ୍କ ସାଙ୍ଗମାନେ ୧୨ଲକ୍ଷ ଟଙ୍କା ବ୍ୟୟରେ ଜର୍ମାନୀରୁ ଯନ୍ତ୍ରପାତି ମଗାଇଲେ । ବେଶ୍ ସୁନ୍ଦର ଭାବେ ଏକ ପ୍ଲାଟଫର୍ମ କରି ବସରେ ଲିଫ୍ଟ ଭଳି ଯନ୍ତ୍ର ଲାଗିଲା । ଜଣେ ଭିନ୍ନକ୍ଷମ ବ୍ୟକ୍ତି ନିଜ ହ୍ୱିଲ ଚେୟାରରେ ବସି ହିଁ ବସ ଭିତରକୁ ଯାଇପାରିବ ଓ ସେହି ଲିଫ୍ଟ ଉପଯୁକ୍ତ ସୁରକ୍ଷା ସହ ବ୍ୟକ୍ତିଙ୍କୁ ବସରୁ ଓହ୍ଲାଇ ମଧ ଦେବ । ସୁସ୍ମିତା ଏବେ ଭାରତର ବିଭିନ୍ନ ପ୍ରାନ୍ତରୁ ଏଭଳି ଭିନ୍ନକ୍ଷମ ବସ ସୁବିଧା ଆରମ୍ଭ କରିବାର ଯୋଜନା କରୁଛନ୍ତି ।

ମଧୁମେହ ରୋଗୀଙ୍କୁ ଡାଏବୁଲିମିଆ ଆଶଙ୍କା

ମଧୁମେହ ପୀଡ଼ିତ ଏକ ତୃତୀୟାଂଶରୁର ଉର୍ଦ୍ଧ୍ୱ କମ୍ ବୟସର ମହିଳା ଏକ ପ୍ରକାର ଖାଦ୍ୟଜନିତ ବିକାରରେ ପୀଡ଼ିତ ଯାହା ଦ୍ୱାରା ଶରୀରରେ ଇନସୁଲିନ ହ୍ରାସ ପାଇବାରୁ ହୃଦରୋଗ, ସ୍ନାୟୁ ଅକାମି, ଦୃଷ୍ଟିଶକ୍ତି ହ୍ରାସ ଭଳି ଅନେକ ଜଟିଳ ସମସ୍ୟା ଦେଖାଦେଇପାରେ ବୋଲି ଗବେଷକମାନେ କହିଛନ୍ତି । ଟାଇପ-୧ ମଧୁମେହ ପୀଡ଼ିତାଙ୍କ ଠାରେ ଖାଦ୍ୟ ଜନିତ ବିକାର ଦେଖାଯାଏ, ଯାହାକୁ ଡଏବୁଲିମିଆ କୁହାଯାଏ । ଏହା ଆବଶ୍ୟକ ଇନସୁଲିନ ଶରୀରକୁ ଯୋଗାଇ ପାରେନାହିଁ । ମଧୁମେହ ରୋଗୀଙ୍କ ଠାରେ ଖାଦ୍ୟ ବିକାର ଅଧିକ । ୧୫ରୁ ୨୦ ପ୍ରତିଶତ କମ ବୟସ୍କ ମହିଳା ଏହି ସମସ୍ୟାରେ ପୀଡ଼ିତ । ଟାଇପ-୧ ମଧୁମେହ ରୋଗୀଙ୍କ ଠାରେ ଏହି ଆଶଙ୍କା ଦୁଇଗୁଣ ବୋଲି ଲଣ୍ଡନର କିଙ୍ଗସ କଲେଜ ପ୍ରଫେସର ଜାନେତ ଟ୍ରେଜର କହିଛନ୍ତି । ଡାଏବୁଲିମିଆ ଏକ ଗମ୍ଭୀର ଅବସ୍ଥା ହୋଇଥିଲେ ହେଁ ଲୋକେ ଏହାକୁ ଅଣଦେଖା କରିଥାନ୍ତି । ଟାଇପ-୧ ମଧୁମେହ ରୋଗୀଙ୍କ ପାଇଁ ପ୍ରତିଦିନ ଇନସୁଲିନ ନେବା ହାନିକାରକ ହୋଇପାରେ ବୋଲି ଡାଇବେଟିସ କୋ.ୟୁକେର ଚାରଲୋଟ୍ ସମର୍ସ କହିଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବେଟି ବଚାଓ' ହିଁ ପ୍ରାଥମିକତା ହେଉ...

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଏବଂ ୨୧ ଅନୁଯାୟୀ ମହିଳା ଓ ପୁରୁଷମାନଙ୍କୁ ସମାନ ମୌଳିକ ଅଧିକାର ପ୍ରଦାନ କରାଯାଇଛି। ତଥାପି ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ପରେ ମଧ୍ୟ ଭାରତୀୟ ମହିଳା ଯୌନ ହିଂସା ଓ ଶୋଷଣ ଭୋଗିବା ଜାରି ରହିଛି। ଯେଉଁମାନେ ଏହି ହିଂସାର ବିରୋଧ କରୁଛନ୍ତି ତାଙ୍କର ପ୍ରଶ୍ନ ହେଲା, ଭାରତ କ'ଣ କେବଳ ପୁରୁଷମାନଙ୍କର, ମହିଳାମାନଙ୍କର ନୁହେଁ? ଭାରତୀୟ ମହିଳାଙ୍କ ସାମାଜିକ ଏବଂ ସାଂସ୍କୃତିକ ଜୀବନ ଏକ ଭିନ୍ନ କାହାଣୀ ହିଁ ଉପସ୍ଥାପନ କରେ। ଏଠାରେ ପୀଡ଼ିତାକୁ ଦୋଷୀ ଆଖ୍ୟା ଦେବା ଏବଂ ଚୁପ୍ ରହିବା ପାଇଁ ବାଧ୍ୟ କରିବାକୁ ସଂସ୍କାର କୁହାଯାଏ। ଫଳରେ ଯୌନ ଶୋଷଣ ଭୋଗୁଥିବା ପୀଡ଼ିତାମାନଙ୍କୁ ସାମାଜିକ ସମର୍ଥନ ଏବଂ ଆଇନତଃ ସହାୟତା ମିଳିବା କଷ୍ଟକର ହୋଇପଡ଼େ। ପରିଣାମ ମହିଳାମାନଙ୍କୁ ନିଜର ସୁରକ୍ଷା ପ୍ରତି ଅଧିକ ଯତ୍ନଶୀଳ ଓ ସତର୍କ ରହିବାକୁ ହୁଏ। ଲଗାତାର ଭାବରେ ସତର୍କ ରହିବା କାରଣରୁ ଝିଅ ଓ ମହିଳାମାନଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼େ। ଭାରତରେ ଡାକ୍ତରମାନଙ୍କ ମଧ୍ୟରେ ୩୦% ଓ ନର୍ସମାନଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି। ନିକଟରେ କୋଲକାତାର ଆର ଜି କର ଡାକ୍ତରଖାନାରେ ଘଟିଥିବା ଘଟଣା ପରେ ଦେଶର ପ୍ରତ୍ୟେକ ଡାକ୍ତରଖାନାରେ ଯୁବତୀ ଓ ମହିଳାମାନେ ନିଜକୁ କେତେ ସୁରକ୍ଷିତ ମଣୁଥିବେ, ତାହା ଏକ ବିରାଟ ପ୍ରଶ୍ନବାଚୀ। ଯଦି ନିଜର କାର୍ଯ୍ୟସ୍ଥଳର ପରିସର ଭିତରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଭିତରେ ମହିଳାମାନେ ସୁରକ୍ଷିତ ନୁହନ୍ତି, ତେବେ ରାତିରେ ବିନା କୌଣସି ଭୟରେ ସ୍ୱାଧୀନ ଭାବରେ ଯିବା ଆସିବା କରିବାର ସ୍ୱପ୍ନ କେବେ ପୂରଣ ହେବ ତାହା ଆଲୋଚ୍ୟ ବିଷୟ। ପଦ୍ମ ଘୁଞ୍ଚି ଯାଉଛି ଭଳି ଏହି ସ୍ୱପ୍ନ ପୂରଣ ହେବା ତ ଦୂର, ବରଂ କ୍ରମେ ହାତଛଡ଼ା ହେଉଛି ଭଳି ଲାଗିଲାଣି। ଭାରତରେ ଯୌନ ହିଂସା ଓ ଦୁଷ୍କର୍ମ ଏକ ମହାମାରୀ ଭଳି ବ୍ୟାପୀ ଚାଲିଛି, ଯାହା ଝିଅ ଓ ମହିଳାଙ୍କ ସୁରକ୍ଷା ଏବଂ ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରିଛି। ୨୦୨୨ ରେ ପ୍ରତିଦିନ ୯୦ଟି ଦୁଷ୍କର୍ମ ଘଟଣା ମହିଳାଙ୍କ ଦ୍ୱାରା ରିପୋର୍ଟ କରାଯାଇଥିଲା। ଏହା ତ ସରକାରୀ ହିସାବରେ ଦାଖଲ ହୋଇଥିବା ତଥ୍ୟ; ମାତ୍ର ବାସ୍ତବତା ଯେ ଏହାଠାରୁ କଦାକାର ସମସ୍ତେ ଜାଣନ୍ତି। ଗତବର୍ଷ ଏନ୍ ସି ଆର ବି ରିପୋର୍ଟ ଅନୁଯାୟୀ କଲିକତା, ଭାରତରେ ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସହର ମଧ୍ୟରୁ ଗୋଟିଏ ବୋଲି ଘୋଷଣା କରାଯାଇଥିଲା। ନିକଟରେ ଆର.ଜି.କର ମେଡିକାଲ କଲେଜରେ ଘଟିଥିବା ହୃଦୟ ବିଦାରକ ଦୁଷ୍କର୍ମ ଓ ହତ୍ୟା ଘଟଣା ଏହାର ବିପରୀତ ସଂକେତ ଦେଉଛି। ୨୦୧୨ ରେ କୋଲକାତା ପାର୍କ ଷ୍ଟ୍ରିଟରେ ଏକ ଗଣଦୁଷ୍କର୍ମ ମାମଲାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଏକ ମନଗଢ଼ା ଘଟଣା ବୋଲି ପ୍ରତିକ୍ରିୟା ଦେଇଥିଲେ। ଉପରୋକ୍ତ ଉଦାହରଣଗୁଡ଼ିକରୁ ଏହା ସ୍ପଷ୍ଟ ଯେ, ଝିଅ ଓ ମହିଳାଙ୍କ ସୁରକ୍ଷା ଦିଗରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହୁଛି; ଯାହା ଅପରାଧୀଙ୍କୁ କଠୋର ଦଣ୍ଡ ପାଇବାରୁ ବଞ୍ଚିତ କରୁଛି। ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ଯୋଗାଇବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟର ସ୍ଥାପନା ପାଇଁ ଭାରତୀୟ ନ୍ୟାୟପାଳିକାରେ ପ୍ରାବଧାନ ଥିବା ସତ୍ତ୍ୱେ ବାସ୍ତବିକତା କିଛି ଭିନ୍ନ ରହିଛି। ପୀଡ଼ିତା ନିଜେ ହିଂସା ଓ ଶୋଷଣର ଶିକାର ହୋଇ ନ୍ୟାୟ ପାଇବା ପରିବର୍ତ୍ତେ ଏହାକୁ କଳଙ୍କ, ଲଜ୍ଜା ଓ ଅପମାନ ମନେକରି ଚୁପ୍ ରହିବା ଉଚିତ ମଣୁଛି। ଆମର ସାମ୍ପ୍ରତିକ ସମାଜ ଓ ସଂସ୍କାର ହିଁ ସେମାନଙ୍କୁ ନ୍ୟାୟ ପହଞ୍ଚେଇବାରେ ଗଭୀର ବାଧା ସୃଷ୍ଟି କରୁଛି। କେଉଁଠି କୋର୍ଟରେ ଶୁଣାଣି ପୂର୍ବରୁ ପୀଡ଼ିତା ମହିଳାଙ୍କୁ ଅପରାଧୀମାନେ ଜଳେଇ ମାରି ଦେଉଛନ୍ତି, ତ କେଉଁଠି ନ୍ୟାୟ ପାଇବା ପାଇଁ ୭ ରୁ ୧୦ ବର୍ଷ ଲାଗିଯାଉଛି। ଭାରତରେ ଦୁଷ୍କର୍ମକୁ ପୁରୁଷମାନେ ମହିଳାଙ୍କ ପ୍ରତି ହିଂସା ଓ ପ୍ରତିଶୋଧ ରୂପେ ଅତି ସାଧାରଣ ଭାବରେ ପ୍ରୟୋଗ କରିବା ଦେଖାଯାଉଛି। ମହିଳାଙ୍କ ଶରୀର ଉପରେ ନିଜର ପ୍ରଭୁତ୍ୱ ଓ ନିୟନ୍ତ୍ରଣ ପ୍ରଦର୍ଶନ କରିବା ପାଇଁ ଅପରାଧୀ ଯୌନ ହିଂସାର ପ୍ରୟୋଗ କରୁଛନ୍ତି। ପୁରୁଷ ଅଧିକାର ଓ ସ୍ତ୍ରୀକୁ ନିଜ ଅଧୀନରେ ରଖିବା ପାଇଁ ବାଧ୍ୟ କରିବାର ନିନ୍ଦନୀୟ ପ୍ରୟାସ ବାସ୍ତବରେ ଅତ୍ୟନ୍ତ ଲଜ୍ଜାଜନକ। ଆଗକୁ କେଉଁସବୁ ପଦକ୍ଷେପ ନେଲେ ଏହାର ସମାଧାନର ବାଟ ମିଳିବ? ଏହି ପ୍ରଶ୍ନଟି ଏବେ ସମସ୍ତଙ୍କୁ ଭୀଷଣ ଭାବରେ ଆନ୍ଦୋଳିତ କରିଛି। ପ୍ରଥମତଃ, ଦେଶରେ ଦୁଷ୍କର୍ମ କରିବାର ମାନସିକତାକୁ ବଦଳେଇବା ପାଇଁ ଠିକ ସମୟରେ ପୀଡ଼ିତାଙ୍କୁ ଯେମିତି ନ୍ୟାୟ ମିଳିବ, ସେ ଦିଗରେ ସରକାର ଓ ଜନସାଧାରଣଙ୍କ ସାମୂହିକ ଯୋଗଦାନ ପାଇଁ ବାସ୍ତବିକ ପ୍ରତିଶ୍ରୁତିବଦ୍ଧତାର ଆବଶ୍ୟକତା ରହିଛି। ଏଥିରେ ସଫଳ ହେବା ପାଇଁ ମାନସିକତା ଓ କାର୍ଯ୍ୟକାରିତା ଉଭୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ ମନେହୁଏ। ଏହା ସହିତ ପୁଅ ପିଲା ଓ ପୁରୁଷମାନଙ୍କୁ ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ନିଜର ପୁରୁଷପଣିଆ ଜାହିର କରିବାଠାରୁ ନିବୃତ୍ତ ହେବାର ଶିକ୍ଷା ଦେବାକୁ ହେବ। ଆବଶ୍ୟକ ସ୍ଥଳେ କଠୋର ଦଣ୍ଡବିଧାନର ନୂଆ ଆଇନ ପ୍ରଣୟନ ମଧ୍ୟ ଗ୍ରହଣୀୟ। ଝିଅ ଓ ମହିଳାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ପାଇଁ ସେମାନଙ୍କୁ ହିଂସା, ଉତ୍ପୀଡ଼ନ ଓ ଶୋଷଣର ଭୟଠାରୁ ମୁକ୍ତ କରିବାର ପ୍ରୟାସ କରିବାକୁ ହେବ। ରାଜ୍ୟ ଓ କେନ୍ଦ୍ର ସରକାର ଏହା ନିଶ୍ଚିତ କରନ୍ତୁ ଯେ ଅଭିଯୋଗ ଆସିବା ପରେ ତ୍ୱରିତ ଶୁଣାଣି ଏବଂ ସାକ୍ଷୀମାନଙ୍କର ସୁରକ୍ଷା ପ୍ରତି ଯେମିତି ବିଶେଷ ଧ୍ୟାନ ଦିଆଯାଉ।

ହୁଏତ ଆଉ ବେଳ ନାଇଁ

ଲତିକା ମହାପାତ୍ର

କଳ୍ପନା ବିଳାସ ପାଇଁ
ବେଳ ନାଇଁ ଅଳସେ ମଗନ ହୋଇ
ସ୍ୱପନେ ମଜ୍ଜିବା ପାଇଁ
ବେଳ ନାଇଁ ବେଳ ନାଇଁ
ଭାବତରଙ୍ଗରେ ହଜିଯାଇ
କବିତା ଲେଖିବା ପାଇଁ
ଏବେ ମଥାରେ ଅସରନ୍ତି ଦାୟୀତ୍ୱର
ସୁଦୀର୍ଘ ସାରଣୀ
ଅସରନ୍ତି କର୍ତ୍ତବ୍ୟର ସୁଦୃଶ୍ୟ ସୂଚୀପତ୍ର
ମନର ବଖରା ସବୁରେ ଜାକି ଜୁକି
ବସିଚନ୍ତି
ମୋ ସ୍ୱପ୍ନ.. ଖିଆଲ
କିଛି ନିରୀହ ଇଚ୍ଛାଙ୍କ ଆଟୋପ
ସେମାନେ ଅଡ଼ି ବସୁଛନ୍ତି
ଜାହିର କରୁଚନ୍ତି ଆପଣା ଅସ୍ତିତ୍ୱ
ସେତିକି ସାନ୍ତ୍ୱନା
ମହ ମହ ବାସ୍ନା
ପୁଳା ପୁଳା ସୁନୀଳ ବିଶ୍ୱାସ
ସେମାନେ ଉଡାଣ ଭରିବାକୁ
ବ୍ୟସ୍ତ ଓ ବିବ୍ରତ
ଅହରହ ସୁଯୋଗର ଅପେକ୍ଷାରେ
ସେତିକି ଆଶ୍ୱାସନା
ଏବେ ଏବେ ଘୁରିଯାଉଛି ମଥା
ମୁଁ ଯୁଝୁଚି ମୋ ସାଥିରେ
ସମୟ ସାଥିରେ
ସ୍ୱପ୍ନଙ୍କ ବିଶ୍ୱସ୍ତପଣଙ୍କୁ ପରଖୁଛି
ହଜାରେ ମରଣ ପରେ ପୁଣି
ଜିଇଁଉଠୁଛି
ଏବେ ଏବେ ଜୀବନ

ତାଳଚେର

ୟୁରୋପରେ ମୁସଲିମ ହଟାଅ ଅଭିଯାନ

ସୌମେନ୍ଦ୍ର ଜେନା

ସାରା ପୃଥିବୀରେ ଏବେ ଇସଲାମ ବିରୋଧୀ ଗଣମତ ସୃଷ୍ଟି ହେଲାବେଳେ ୟୁରୋପରେ ମଧ୍ୟ ସେହିପରି ପରିସ୍ଥିତି ଦେଖାଦେଇଛି। ଏକଦା ତିନି ଚାରି ଦଶନ୍ଧି ପୂର୍ବେ ଭାରତର ଲୋକେ ଇସଲାମିକ ସନ୍ତ୍ରାସ, ସୀମାପାର ଆତଙ୍କବାଦ କଥା ୟୁରୋପର ନେତାମାନଙ୍କୁ କହିଲାବେଳେ ସେମାନେ ତାକୁ କାହାଣୀ ମନେକରି ଏଡାଇ ଦେଉଥିଲେ। ପରେ ଦିନା କେତେ "ଇସଲାମ ଫୋବିଆ" କଥା କହି ସମାଲୋଚନା କରିବାକୁ ଲାଗିଲେ। ଆମେରିକାର ଆଫଗାନିସ୍ଥାନ ଆକ୍ରମଣ, ଇରାକ ଓ ସିରିଆରେ ଇସଲାମିକ ଷ୍ଟେଟର ସନ୍ତ୍ରାସ, ପାକ୍-ବଙ୍ଗଳାଦେଶରେ ଜିହାଦିଙ୍କ ତାଣ୍ଡବ, ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ସଂଘର୍ଷର ଧାରା, ଆଫ୍ରିକାରେ ବୋକୋହାରାମ ପରି ଗୋଷ୍ଠୀଗୁଡ଼ିକର ନରସଂହାର, ଲେବାନନ୍‌ର ଆର୍ଥିକ ଦୁଃସ୍ଥିତି, ତୁର୍କୀ ଓ ଇରାନର ମୁସଲିମ ଜଗତର ଚୌଧୁରୀ ହେବାଲାଗି ଅବିରତ ପ୍ରୟାସ, ହୁଥି-ହେଜବୋଲ୍ଲା -ହାମାସର ଭିନ୍ନ ଭିନ୍ନ ରାଷ୍ଟ୍ର ଶକ୍ତିବୃଦ୍ଧି, ପ୍ରଭାବ ବୃଦ୍ଧି ପାଇଁ ଭିନ୍ନ ଭିନ୍ନ ରାଷ୍ଟ୍ରରେ ଇସଲାମିକ ସନ୍ତ୍ରାସକୁ ଚୀନର ସହଯୋଗ ଓ ବେଲଟ୍ ଏଣ୍ଡ୍ ରୋଡ ପ୍ରକଳ୍ପ ପାଇଁ ରଣନୀତି ବସାଇବା ନୀତି ଯୋଗୁ ଏବେ ସମଗ୍ର ବିଶ୍ୱର ଅନେକ ଦେଶରେ ଇସଲାମ ଧର୍ମର ଲୋକେ ନିଜ ଦେଶ ଛାଡି ଶରଣାର୍ଥୀ ହୋଇଛନ୍ତି। ଆଉ କେତେକ ଦେଶରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି। କିନ୍ତୁ ଶିକ୍ଷାର ଅଭାବ, ମୌଳବାଦରେ ବିଶ୍ୱାସ, ଧ୍ୱଂସରେ ଶ୍ରଦ୍ଧା, ହତ୍ୟାରେ ବିଶ୍ୱାସ ଯୋଗୁ ସେମାନେ ଯେଉଁ ଯେଉଁ ଦେଶରେ ଶରଣାର୍ଥୀ ହୋଇଛନ୍ତି ସେଠାକାର ସଂସ୍କୃତି ଓ ଜନଜୀବନରେ ନିଜକୁ ସାମିଲ କରିନପାରି ସେଠାକାର ସ୍ଥାନୀୟ ସରକାରଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି। ବିଶୃଙ୍ଖଳିତ ଜୀବନ, ସଂଖ୍ୟାଧିକ ପ୍ରସବ, ଅନ୍ୟଧର୍ମର ଲୋକଙ୍କ ପ୍ରତି ଅଶ୍ରଦ୍ଧା, ଅପରାଧପ୍ରବଣ ଅଭ୍ୟାସ ଯୋଗୁ ସେମାନେ ନିଜ ଦେଶ ବାହାରେ ଘୃଣାର ପାତ୍ର ହୋଇଛନ୍ତି, ଯାହା ଏବେ ଅନେକ ୟୁରୋପର ଦେଶଗୁଡ଼ିକରେ ଦେଖାଯାଉଛି। ଏକଦା ୟୁରୋପର ରାଷ୍ଟ୍ରଗୁଡ଼ିକ ଶସ୍ତାରେ ଶ୍ରମିକ ପାଇବେ ବୋଲି ଆଶାରଖି ଯେପରି ମୁସଲିମ୍ ଶରଣାର୍ଥୀମାନଙ୍କୁ ନିଜ ନିଜ ଦେଶରେ ସ୍ଥାନ ଦେଇଥିଲେ ତାହା ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ୟୁରୋପର ସ୍ପେନ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ବେଲଜିୟମ, ହଙ୍ଗେରୀ, ଇଟାଲୀ, ପୋଲାଣ୍ଡ, ଅଷ୍ଟ୍ରିଆ, ସ୍ଲୋଭାକିଆ, ନରୱେ, ସ୍ୱିଡେନ, ପୋଲାଣ୍ଡ, ସ୍ୱିଜରଲାଣ୍ଡ ପରି ଅନେକ ରାଷ୍ଟ୍ରରେ ଏବେ ମୁସଲିମ ବିରୋଧୀ ଆନ୍ଦୋଳନ ଜାରିଥିବା ଦେଖିବାକୁ ମିଳୁଛି। ସେସବୁ ଦେଶର ସ୍ଥାନୀୟ ଜନସାଧାରଣ ଇସଲାମର ବିରୋଧରେ ଖଡ୍‌ଗହସ୍ତ ହୋଇ ସ୍ଥାନୀୟ ସରକାର ଉପରେ ଚାପ ପ୍ରୟୋଗ କରୁଛନ୍ତି, ସରକାରର ପରିବର୍ତ୍ତନ କରୁଛନ୍ତି। ଏକଦା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରାଷ୍ଟ୍ରବାଦର ବୃଦ୍ଧି ହେଲେ କାଳେ ନାଜୀବାଦ ପୁଣି ଫେରିବ ବୋଲି ଲୋକେ ଭୟକରି ଏକପ୍ରକାର ସାମ୍ୟବାଦ କିମ୍ବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିଥିଲେ। କିନ୍ତୁ ଏବେ ଅନେକ ରାଷ୍ଟ୍ରରେ ରାଷ୍ଟ୍ରବାଦ ଲୋକମାନଙ୍କର ଅଧିକ ଗ୍ରହଣଶୀଳ ବିଚାର ହୋଇଛି। ଲୋକେ ନିଜ ଦେଶର, ସମାଜର ସୁରକ୍ଷା ପାଇଁ ରାଷ୍ଟ୍ରବାଦୀଙ୍କୁ ସମର୍ଥନ ଦେଉଛନ୍ତି। ଏହି ରାଷ୍ଟ୍ରବାଦକୁ ଆମେରିକା ଏକଛତ୍ରବାଦ, ସମ୍ବିଧାନ ବିରୋଧୀ, ମାନବିକତା ବିରୋଧୀ ଚିତ୍ରଣ କରି ପ୍ରଚାର କରୁଛି। ଯୁଦ୍ଧଖୋର ନାଟୋବାହିନୀ ନାମରେ ଅଯଥା ଯୁଦ୍ଧ, ରକ୍ତପାତ ବିଭାଜନ ସୃଷ୍ଟି କରିଚାଲିଛି, ଅସ୍ଥିରତାର ବାତାବରଣକୁ କାଏମ ରଖି ସୁବିଧା ହାସଲ କରିବାକୁ ଚାହୁଁଛି। କିନ୍ତୁ ନିଜ ରାଷ୍ଟ୍ରରେ ଯେ ଜିହାଦିଙ୍କ ଚେର କେତେଦୂର ମାଡିଗଲାଣି ସେଥିପ୍ରତି ଧ୍ୟାନ ଦେଉନାହିଁ। କିନ୍ତୁ ୟୁରୋପର ରାଷ୍ଟ୍ରଗୁଡ଼ିକ ଏବେ ଖୁବ୍ ସତର୍କ ହୋଇ ପଦକ୍ଷେପ ନେବାକୁ ପସନ୍ଦ କରୁଛନ୍ତି। ଉଦାହରଣସ୍ୱରୂପ ଜର୍ମାନୀର ହାମ୍‌ବର୍ଗ ସହରରେ ଥିବା ବ୍ଲୁ ମସଜିଦକୁ ବନ୍ଦ କରାଯାଇଛି ଏହି ମସ୍‌ଜିଦ "ଇମାମ ଅଲି ମସଜିଦ" ଭାବେ ପରିଚିତ। ଚଳିତବର୍ଷ ଜୁଲାଇ ୨୪ ତାରିଖରେ ଇରାନ ସରକାର ଏବଂ ହେଜବୋଲ୍ଲା ସନ୍ତ୍ରାସବାଦୀଙ୍କ ସହ ସଂପର୍କ ରଖିବା ଅଭିଯୋଗରେ ଏହି ମସଜିଦ୍‌କୁ ବନ୍ଦ କରାଯିବା ସହ ହାମ୍‌ବର୍ଗର ଇସ୍‌ଲାମିକ ସେଣ୍ଟର ସଂଗଠନକୁ ଜର୍ମାନୀର ଗୃହମନ୍ତ୍ରୀ ନାନ୍‌ସୀ ଫିଜର ନିଷିଦ୍ଧ କରିଛନ୍ତି। ଏହାଛଡା ଏକକାଳିନ ୫୦ଟି ଇସ୍‌ଲାମିକ ସଂସ୍ଥା ଉପରେ ଚଢାଉ କରାଯାଇଥିଲା। ୨୦୧୭ରେ ଜର୍ମାନୀରେ ଇରାନ ସମର୍ଥିତ ସଂସ୍ଥା ଭାବେ ଏହି ମସଜିଦ୍ କାର୍ଯ୍ୟ କରୁଥିଲା। ହାମ୍‌ବର୍ଗର ଇସ୍‌ଲାମିକ ସେଣ୍ଟର ଇରାନ ସରକାରଙ୍କର ହାତବାରିସୀ ହୋଇ କାମ କରୁଥିଲା। ମସ୍‌ଜିଦଗୁଡ଼ିକରେ ପାର୍ସୀ, ଆରବୀ ଓ ଜର୍ମାନୀ ଭାଷାରେ ଇସ୍‌ଲାମିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଇସ୍ରାଏଲର ଗାଜା ଆକ୍ରମଣ ପରେ ଜର୍ମାନୀର ଇହୁଦୀଙ୍କ ବିରୋଧରେ ମୁସଲିମଙ୍କ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ୨୦୨୦ରେ ହେଜବୋଲ୍ଲା ଏବଂ ୨୦୨୩ରେ ହାମାସ ସନ୍ତ୍ରାସବାଦୀଙ୍କ ସମର୍ଥନରେ ଜର୍ମାନୀରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ତେଣୁ ଫ୍ରାଙ୍କଫର୍ଟର ସେଣ୍ଟର ଅଫ୍ ଇସ୍‌ଲାମିକ କଲ୍‌ଚର, ବର୍ଲିନର ଇସଲାମିକ ସେଣ୍ଟର ଉପରେ ନିଷେଧାଜ୍ଞା ଜାରି ହୋଇଛି। ଦେଶର ୫୩ଟି ସ୍ଥାନରେ ଯାଞ୍ଚ କରାଯାଇ ବାଭାରିଆ, ମେକ୍‌ଲେନବର୍ଗ, ୱେଷ୍ଟର୍ଣ୍ଣ ପୋମେରାନିଆ, ହେସେ, ଲୋୟର ସାକ୍ସୋନୀ, ନର୍ଥ ରାଇନ ୱେଷ୍ଟଫାଲିଆରେ ୪ଟି ମସଜିଦ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି।

ଫ୍ରାନ୍ସ ହେଉଛି ଅଧିକ ସନ୍ତ୍ରାସଗ୍ରସ୍ତ ରାଷ୍ଟ୍ର। ବିଗତ ଦିନରେ ଦେଶରେ କ୍ରମାଗତ ଜିହାଦି ଆକ୍ରମଣ ହୋଇଆସିଛି। ପ୍ରାୟ ୩୦ଲକ୍ଷ ମୁସଲିମ ଜନସଂଖ୍ୟା ଫ୍ରାନ୍ସ ପାଇଁ ଏବେ ବଡ ଆହ୍ୱାନ ହୋଇଛି। ୨୭ଜୁନ୍ ୨୦୨୩ରେ ପ୍ୟାରିସର ନାହେଲ ମେରଜୌକ ନାମକ ଜଣେ ମୁସଲିମ ବ୍ୟକ୍ତିକୁ ପୋଲିସ ଏନକାଉଣ୍ଟର କରିବା ପରେ ଏମିଏନ୍ସ, ଏନେସୀ, ବୋର୍ଡେଅକ୍ସ, ଡିଜନ,ସେନୋବ୍ଲ, ଲିଲ୍ଲେ, ଲିୟନ, ମାର୍ସିଲ୍ଲେ, ନାନଟେସ, ପାଉ, ରୌବାଇକ୍ସ, ସେଣ୍ଟ -ଇନିନ୍ନେ, ଟୌଲୋଉସ, ଟୁର୍କୋଇଙ୍ଗରେ ଦଙ୍ଗାଗୋଳ ବ୍ୟାପିଥିଲା। ସରକାର 'ଅପରେସନ ସେଣ୍ଟିନେଲ୍ଲେ' ମାଧ୍ୟମରେ ପ୍ରାୟ ୪୦୦୦ ଯବାନଙ୍କୁ ସନ୍ତ୍ରାସକୁ ପ୍ରତିହତ ପାଇଁ ମୁତୟନ କରିଛନ୍ତି। ଚଳିତବର୍ଷ ମଇ ମାସରେ ଜଣେ ୧୮ବର୍ଷୀୟ ଚେଚେନ ମୁସଲିମ ସନ୍ତ୍ରାସୀ ସେଣ୍ଟ ଇଟିଏନ୍ନେସ ଫୁଟବଲ ଷ୍ଟାଡିଅମ୍‌ରୁ ଗିରଫ ହୋଇଥିଲା ଯିଏ କି ଆତ୍ମଘାତୀ ବୋମା ଆକ୍ରମଣର ଯୋଜନା କରିଥିଲା। ସେ ଆଇଏସ୍‌ଆଇଏସ୍ ଗୋଷ୍ଠୀ ସହ ସଂପୃକ୍ତ ରହିଥିଲା। ଲା ଗ୍ରାଣ୍ଡେ -ମୋଙ୍ଗେ ଠାରେ ଥିବା ଇହୁଦୀଙ୍କ ପ୍ରାର୍ଥନାଗୃହ ସିନାଗଗ୍ ବାହାରେ ନିଆଁ ଲଗାଇବା ଅଭିଯୋଗରେ ପୁଲିସ ଜଣେ ମୁସଲିମ୍‌କୁ ଗିରଫ କରିଛି। ନିମ୍‌ସଠାରେ ଅଭିଯୁକ୍ତକୁ ଗିରଫ କରିବାକୁ ଯିବାବେଳେ ସେ ପୁଲିସ ଉପରକୁ ଗୁଳିମାଡ କରିଥିଲା। ୨୪ଅଗଷ୍ଟ୨୦୨୪ରେ ଏହି ଘଟଣା ଘଟିଥିଲା। ସେମିତି ସ୍ପେନରେ ଆଲଜେରିଆ ଓ ମୋରୋକୋ ପରି ଉତ୍ତର ଆଫ୍ରିକାର ମୁସଲିମ ଶରଣାର୍ଥୀମାନେ ସୋଟୋ, କାନାରୀ, ମେଲିନା, ବାଲିଆରିନ ଦ୍ୱୀପଗୁଡ଼ିକରେ ବୋଟ ଯୋଗେ ପ୍ରବେଶ କରୁଛନ୍ତି। ମାଦ୍ରିଦର ସହରସାରା ମୁସଲିମ ମହିଳା ପକେଟମାର ବୁଲି ବୁଲି ପକେଟମାର କରୁଥିବା ହେତୁ 'ପାଟୁମାଦ୍ରି' ନାମକ ଏକ ସାମାଜିକ ସଂଗଠନ ରାସ୍ତାଘାଟରେ ଲୋକଙ୍କ ସୁରକ୍ଷା ଓ ସଚେତନତା ପାଇଁ ପହରା ଦେଉଛି। ପକେଟମାର ଦେଖିଲେ ସେମାନେ ସେମାନଙ୍କୁ ଧରି ପୁଲିସକୁ ଦେଉଛନ୍ତି। ଅତୀତରେ ୧୧ମାର୍ଚ୍ଚ ୨୦୦୪ରେ ଯୋଜନାବଦ୍ଧ ଭାବେ ସିରିଜ ବୋମା ବିସ୍ଫୋରଣ ଯୋଗୁ ସ୍ପେନରେ ୧୯୩ଜଣ ମୃତ୍ୟୁବରଣ କରିଥିଲାବେଳେ ୨୦୫୦ଜଣ ଆହତ ହୋଇଥିଲେ। ଜମାଲ ଜୈଗାମ୍ ସମେତ ଅନ୍ୟ ପାଞ୍ଚଜଣଙ୍କୁ ପୁଲିସ ଗିରଫ କରିଥିଲା। ଏମାନେ ରେଳ ଯୋଗାଯୋଗ ନଷ୍ଟ କରିବା ପାଇଁ ବୋମା ବିସ୍ଫୋରଣ କରିଥିଲେ। ୨୫ ଜାନୁଆରୀ ୨୦୨୩ରେ ମୋସେକୋର ୟାସିନେ କାଞ୍ଜା ସ୍ପେନର ଆଲ୍‌ଜେସିରାସ୍‌ରେ ଜିହାଦି ଆକ୍ରମଣ କରିଥିଲା, ଯେଉଁଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବାସ୍ଥଳେ ଅନ୍ୟ କେତେକ ଆହତ ହୋଇଥିଲେ। ୧୭ ଅଗଷ୍ଟ ୨୦୧୭ରେ ବାର୍ସିଲୋନାରେ ଏକ ଭ୍ୟାନ୍ ଆକ୍ରମଣରେ ୧୩ଜଣ ମୃତ୍ୟୁବରଣ କରିଥିଲେ ଓ ୧୦୦ଜଣ ଆହତ ହୋଇଥିଲେ। ୟୁରୋପରେ ଗଣହତ୍ୟାପାଇଁ ମୁସଲିମ ଜିହାଦିମାନେ ଜନଗହଳି ମଧ୍ୟକୁ ଚଳନ୍ତାଗାଡି ମଡାଇ ନେଇ ଲଣ୍ଡନ, ବର୍ଲିନ, ନାଇସ୍ ଓ ଷ୍ଟକହୋମ୍ ପରି ସହରରେ ପ୍ରାୟ ୧୦୦ରୁ ଅଧିକ ଲୋକଙ୍କର ହତ୍ୟାର କାରଣ ହୋଇଥିଲେ। ଆମେରିକାର ୯/୧୧ ଆକ୍ରମଣରେ ସ୍ପେନର ବାର୍ସିଲୋନା ଅନ୍ତର୍ଗତ କାଟାଲୋନିଆଠାରେ ସନ୍ତ୍ରାସବାଦୀ ମହମ୍ମଦ ଅଟ୍ଟା ଏବଂ ରାମ୍‌ଜୀ ବିନାଲସିଭ୍ ଏକାଠି ହୋଇ ଷଡଯନ୍ତ୍ର ରଚନା କରିଥିଲେ। ତେଣୁ ସ୍ପେନ ଲୋକେ ଇସ୍‌ଲାମର ବିରୋଧରେ ଖଡ୍‌ଗହସ୍ତ ହୋଇଛନ୍ତି।

ସ୍ୱିଡେନରେ ୧କୋଟି ଜନସଂଖ୍ୟାରେ ୧୬୦୦୦୦ ମ

ବାଘ ରାଜା ଏବଂ ବିଲେଇ

ସନ୍ତୋଷ କୁମାର ଅଦାବର

ଗତକାଲିଠାରୁ ଜଙ୍ଗଲର ରାଜା ବାଘ ଦେଖା ଯାଉ ନ ଥିଲେ । ସବୁ ପଶୁପକ୍ଷୀ ଖୁବ ଚିନ୍ତିତ । ବାଘ ରାଜା ଗଲେ କୁଆଡ଼େ ? ସଭିଏଁ ନିଜ ନିଜ ବୁଦ୍ଧି ଖଟାଇ ବାଘ ରାଜାଙ୍କୁ ଖୋଜୁ ଥାଆନ୍ତି ।

ସେ ଜଙ୍ଗଲ ପାଖକୁ ଲାଗି ଗୋଟିଏ ଛୋଟ ଗାଁ ଥାଏ । ଦିନେ ସେ ଗାଆଁର ଗୋଟିଏ ବିଲେଇ ଜଙ୍ଗଲ ପାଖାପାଖି ବୁଲୁଥିବା ସମୟରେ ଗୋଟିଏ ଶବ୍ଦ ଶୁଣିଲା । ଗୋଟିଏ ବିରାଟ ତୋଟା ଗହଳ ଭିତରୁ ଶବ୍ଦଟି ଆସୁଥାଏ । ବିଲେଇଟି ସତର୍କତାର ସହ ସେଠାକୁ

ଯାଇ ଦେଖିଲା ବାଘଟିଏ ଏକ ଶୁଖିଲା କୂଅ ଭିତରେ ପଡ଼ିଛି । ସେ କୂଅଟିର ବ୍ୟବହାର ହେଉ ନ ଥିଲା । ତେଣୁ ତା ଚାରିପଟେ ଗହଳ ବୁଦା ଥିଲା । ବିଲେଇ ମ୍ୟାଉଁ ମ୍ୟାଉଁ ଶବ୍ଦ ଶୁଣି ବାଘ କହିଲା- ଏ ବିଲେଇ । ମୁଁ ଏ ଜଙ୍ଗଲର ରାଜା । ତୁ ଯା ଏ ଜଙ୍ଗଲରେ ଥିବା ସମସ୍ତ ପଶୁପକ୍ଷୀଙ୍କୁ କହିଦେ । ସେମାନେ ଆସି ମୋତେ ଏଠାରୁ ବାହାର କରିବେ । ବିଲେଇ ହଁ କଲା ଏବଂ ସିଧା ଜଙ୍ଗଲ ଭିତରକୁ ଗଲା ।

ସେ ଜଙ୍ଗଲକୁ ଗଲା ବେଳେ ବାଟରେ ତା'ର ମୁଣ୍ଡକୁ ଏକ ବୁଦ୍ଧି ପଶିଲା । ସେ ଭାବିଲା- ଏ ବାଘ ଆକାରରେ ସିନା ଛୋଟ,ହେଲେ ଦେଖିବାକୁ ଅବିକଳ ମୋର ଭଳି । ତେଣୁ ଆଜିଠୁ ମୁଁ ଏ ଜଙ୍ଗଲର ରାଜା ହେବି । ଏମିତି ଭାବୁ ଭାବୁ ସେ ଜଙ୍ଗଲ ଭିତରକୁ ପଶିଗଲା ।

ଗୋଟିଏ ସ୍ଥାନରେ କିଛି ପଶୁପକ୍ଷୀ ବସି ବାଘ ରାଜାଙ୍କୁ ଖୋଜିବା କଥା ଆଲୋଚନା କରୁଥାଆନ୍ତି । ଠିକ୍ ସେ ସମୟରେ ବିଲେଇଟି ତାଙ୍କ ପାଖରେ ଠିଆ ହେଲା । ସମସ୍ତେ ତାକୁ କିଛି ପଚାରିବା ଆଗରୁ ବିଲେଇଟି ରାଜକୀୟ ଢଙ୍ଗରେ ସେମାନଙ୍କ ମଝିକୁ ଯାଇ କହିଲା- ମୁଁ ଆସିଗଲି ତୁମ ବାଘ ରାଜା । ସମସ୍ତେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିଲେଇଟି କହିଲା- ମୁଁ ତୁମ ବାଘ ରାଜା । ବାଟରେ ଗଲା ବେଳେ ଶୋଷ ହେଲା । ଗୋଟିଏ ପୋଖରୀକୁ ଯାଇ ପାଣି ପିଇବାରୁ

ଏମିତି ଛୋଟ ହୋଇଗଲି । ଛୋଟ ହୋଇ ଯାଇଥିବାରୁ ତୁମ୍ଭମାନଙ୍କୁ ଖୋଜି ଖୋଜି ଆସିବାରେ ମୋର ଏତେ ବିଳମ୍ବ ହୋଇଗଲା । ଏବେ ଆଉ କିଛି ଚିନ୍ତା କରନି । ଚାଲ,ମୋର ରାଜ ସିଂହାସନ ରାଜ ପ୍ରାସାଦ ନିକଟକୁ । ତା'ପରେ ସେ ସମସ୍ତେ ବିଲେଇ କଥାକୁ ବିଶ୍ୱାସ କରି ଗଲେ ସେ ରାଜ ପ୍ରାସାଦ ପାଖକୁ । ବିଲେଇ ଛୋଟ ଥିଲା, ତେଣୁ ରାଜ ସିଂହାସନ ମଧ୍ୟ ଛୋଟ କରି ନିର୍ମାଣ କରାଗଲା ।

ମାଙ୍କଡ଼ଟିଏ ଯିଏକି ବାଘ ରାଜାର ମନ୍ତ୍ରୀକୁ ଏ କଥାଟି ଟିକିଏ ଅଡୁଆ ଲାଗୁଥାଏ । ବିଲେଇ ଏକା ଏକା ସିଂହାସନରେ ବସିଥିବା ବେଳେ କହୁଥାଏ- ଆହା, ବାଘ ରାଜା ସେ କୂଅରେ କେମିତି ଥିବ ଯେ ? ଏକଥାକୁ ଗଛ ଉପରେ ଥିବା ସେ ମନ୍ତ୍ରୀ ମାଙ୍କଡ଼ଟି ଶୁଣିପାରିଲା ଏବଂ ଖୋଜିଖୋଜି ସେହି କୂଅରେ ଠାବ କଲା । କାଳ ବିଳମ୍ବ ନ କରି ସେ ଅନ୍ୟ ପଶୁପକ୍ଷୀଙ୍କ ପାଖକୁ ଆସି ଏ କଥା କହିବାରୁ ସଭିଏଁ ପ୍ରଥମେ ତାଙ୍କର ବାଘ ରାଜାଙ୍କୁ ବଞ୍ଚାଇବାକୁ ଗଲେ । ଅଳ୍ପ ଗଭୀର କୂଅ ହୋଇଥିବାରୁ ବଡ଼ ହାତୀଟି ନିଜ ଶୁଣ୍ଢ ସାହାଯ୍ୟରେ ବାଘ ରାଜାଙ୍କୁ କୂଅରୁ ଉପରକୁ ଆଣି ଥୋଇଲା । ସମସ୍ତେ ନିଜର ବାଘ ରାଜାଙ୍କୁ ପାଇ ଖୁସି ହୋଇଗଲେ ।

ଏପଟେ ବିଲେଇ ଏସବୁ ଜାଣି ଭୟରେ ତା'ର ପିଲେହି ପାଣି । ଯିବ ସେ କୁଆଡ଼େ ? ସମସ୍ତେ ଖୁସିରେ ଆସୁଥିବା ବେଳେ ବିଲୁଆଟିଏ ସେ ବିଲେଇ ମିଛ କହି ଥିବାରୁ ତାକୁ ମାରିବାକୁ ଧରି ପକାଇଲା । ବାଘ ରାଜା ବିଲୁଆକୁ ମନା କଲା । କହିଲା- ଆମେ ଜଙ୍ଗଲରେ ଏତେ ଖୁସିରେ ରହୁଛୁ । ଆମେ କାହାରି ଅନିଷ୍ଟ କରିବା ନାହିଁ । ବିଲେଇ ବି ତ ଅବିକଳ ମୋର ଭଳି । କିନ୍ତୁ ସେ ଗାଁରେ ରହେ । ତାକୁ ଛାଡ଼ିଦିଅ । ସେ ମୋ ଭାଇ ଭଳି । ସେ ଗାଁକୁ ଯାଉ । ସେ ବି ଆମ ପରି ପଶୁଟିଏ । ମନ୍ତ୍ରୀ ମାଙ୍କଡ଼ କହିଲା- ହଁ ବାଘ ମହାରାଜ । ଆପଣ କୂଅରେ ପଡ଼ିଥିବା କଥା ମୁଁ ଗଛରେ ଲୁଚିକି ଥାଇ ଏ ବିଲେଇ ପାଖରୁ ଶୁଣି ପାରିଲି ଏବଂ ଆପଣଙ୍କୁ ଖୋଜି ପାଇଲି । ତା'ପରେ ବିଲେଇକୁ ବିଲୁଆ ଛାଡ଼ିଦେଲା । ଏକା ଥରକେ ବିଲେଇ ଛୁ ମାରିଲା ଏବଂ ସିଧା ଗାଁ ମୁଣ୍ଡରେ ଯାଇ ହାଜର୍ ହେଲା । ଦୀର୍ଘ ନିଶ୍ୱାସ ମାରି ମନେ ମନେ ଭାବିଲା- ନିଜକୁ ଈଶ୍ୱର ଯେଉଁ ଭଳି ଗଢ଼ିଛନ୍ତି ସେଭଳି ହିଁ ରହିବା ଠିକ୍ । ନହେଲେ ଅପମାନିତ ହେବାକୁ ପଡ଼ିଥାଏ ଏବଂ ଜୀବନ ପ୍ରତି ମଧ୍ୟ ବିପଦ ଥାଏ ।

+ସୁବର୍ଣ୍ଣପୁର,
ମୋ-୯୭୭୭୯୧୦୭୨୮

ହୋମୱାର୍କ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ମୁଣ୍ଡଟା ଚକ୍କର କାଟୁଛି । କେତେବେଳେ ସାରିବ ହୋମୱାର୍କ । ଟିଉସନ ଗୁରୁମା କହିଛନ୍ତି କାଲିକୁ ଯଦି ନ ହୋଇଥାଏ ଖବର ସିଧା ଆସିବ ବାପାଙ୍କ ପାଖକୁ । ବାପା ଜାଣିଲେ ସବୁ ସରିଗଲା । ହେଲେ ଆଜି ଏପଟେ ଦୁଇ ଟିମ ଭିତରେ ଲାଗିବ ଘମାଘୋଟ ଲଢେଇ । ଯେଉଁ ଦଳ ଜିତିବ ସେ ଯିବ ସେମିଫାଇନାଲକୁ । ଖେଳପାଇଁ ଆଜି ଠିକ ୪:୩୦ ମିନିଟରେ ଯିବାକୁ ହେବ । ଫେରିଲା ବେଳକୁ ଟିଉସନ ସମୟ ହୋଇଯାଇଥିବ । ହୋମୱାର୍କ ବଡ଼ ବୋଝ । ଖେଳେଇ ବସେଇ ଶୁଆଇ ଦେବନି । ବଡ ଧର୍ମ ସଂକଟରେ ଫସି ଯାଇଛି ଆଦର୍ଶ । ତା'ର ହଡବଡେଇବା ଦେଖି ମା ପଚାରିଲେ, କ'ଣ ହୋଇଛି ତୋର ? ଏମିତି ପାଗଳ ପରି ହେଉଛୁ କାହିଁକି ? ଆଦର୍ଶ ଗୋଟେ ନିଶ୍ୱାସରେ କହି ପକାଇଲା, ବୋଉ ! ଆଜି ମୋତେ ତୁମର ଟିକେ ସାହାଯ୍ୟ ଦରକାର । - ଆରେ କ'ଣ କହୁଛୁ କହ ? ଏତିକି ଶୁଣି ବୋଉର କାନି ଧରି ସେ କହିଲା, 'ବୋଉ ! କଥାଦିଅ , ତୁମେ ସାହାଯ୍ୟ କରିବ ନା ?' ବୋଉ କହିଲେ ଆରେ ! ଆଗେ କହ ତ ... ସମସ୍ୟା ଟି କଣ ? ଆଦର୍ଶ କହିଲା, ବୋଉ ଆଜି ମୋ ହୋମୱାର୍କ ତୁମେ କରିଦେବ କି ? ମୋତେ ଏବେ କବାଡ଼ି ଖେଳିବା ପାଇଁ ଯିବାକୁ ହେବ । ବୋଉ କହିଲେ , ଠିକ ଅଛି ତୁ ଯାଆ ଖେଳିବାକୁ । ହଁ, ଖେଳି ଆସିବା ପରେ ନିଜ କାମ ନିଜେ କର । ଆଦର୍ଶ ସେହି ସମୟରେ କିଛି ବୁଝି ପାରିଲା ନାହିଁ । ଖେଳିବା ପାଇଁ ଯିବାକୁ ବୋଉ ସମ୍ମତି ଦେବା ଖୁସିରେ ସେ ଏକ ଝଟକାରେ ଦୌଡ଼ି ପଳାଇଗଲା ।

ସେଦିନ ଖେଳ ଖୁବ ଭଲ ଖେଳିଲେ ଦୁଇଦଳ । ଆଦର୍ଶର ଭଲ ଖେଳ ଯୋଗୁଁ ସେମାନଙ୍କ ଦଳ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହେଲା । ଖୁସିରେ ଆଦର୍ଶ ଘରକୁ ଫେରି ଦେଖିଲା ଘଣ୍ଟାରେ ୭ଟା ବାଜିଲାଣି । ଆଉ ମାତ୍ର ଅଧଘଣ୍ଟା ତା' ହାତରେ ରହିଛି । ସେ ହାତ ଗୋଡ ଧୋଇ ହୋମୱାର୍କ କରିବାକୁ ବସିଲା । ଆଜି ମନଟା ତା'ର ଭାରି ଖୁସି ଥିଲା । ଯାଦୁ ପରି ସବୁ ଗଣିତ ସମାଧାନ ହୋଇଯାଉଛି ଗୋଟେ ଥରରେ । ବ୍ୟାଗକୁ ପିଠିରେ ପକାଇ ବୀର ଦର୍ପରେ ସେ

ଟିଉସନ ବାହାରିଲା ।

ଆଦର୍ଶ ବଡ ଖୁସିରେ ଟିଉସନରୁ ଫେରି ବାପାଙ୍କୁ ଖାତା ଦେଖାଇ କହିଲା, ଦେଖନ୍ତୁ ବାପା ! ଆଜି ମୁଁ ସବୁ ଗଣିତ ଠିକ କଲି ବୋଲି ଗୁରୁମା ଖୁସି ହେଲେ । ବାପା ତା' ମୁଣ୍ଡକୁ ଆଉଁସି ଦେଲେ । ଆଦର୍ଶ ରାତ୍ରି ଭୋଜନ ସାରି ଶୋଇବାକୁ ଗଲାଣି । ବୋଉ କ୍ଷୀର ଗ୍ଲାସ ବଢ଼ାଇ ଦେଇ କହିଲେ, ଆଜି ହୋମ୍ୱୱର୍କ କରିଦେଲୁ ବୋଲି ଟିଉସନ କଲାବେଳେ ତୋତେ ପାଠ ସହଜ ହେଲା । ତେଣୁ ହୋମୱାର୍କ ସବୁବେଳେ କରିଦେଉଥାଆ ଯେ ସ୍କୁଲରେ ମଧ୍ୟ ପାଠ ସହଜ ହେବ । କାରଣ 'ଅଭ୍ୟାସ ବଳେ ସର୍ବ ସିଦ୍ଧି' । ଏମିତି କାହିଁକି ହେଲା ଜାଣିଛୁ ? କାରଣ ଖେଳରେ ଜିତି ତୁ ଖୁସି ଥିଲୁ । ମନ ଖୁସି ଥିଲେ ପ୍ରତି କାମରେ ମନ ଲାଗିବ । ସେଥିପାଇଁ ତୁ ଅଳ୍ପ ସମୟରେ ନିର୍ଭୁଲ ଭାବରେ ହୋମ୍ୱୱାର୍କ କରି ପାରିଲୁ । ଆଉ ହୋମୱାର୍କ ଭାବେ ଅଭ୍ୟାସ କରିଥିବାରୁ ପାଠ ସହଜ ଜୋଇଗଲା । କଥାଗୁଡିକ ଆଜି ଆଦର୍ଶର ମୁଣ୍ଡକୁ ଖେଟିଲା । ସେ ହସି ଦେଇ କ୍ଷୀରପିଆ ଗ୍ଲାସକୁ ବୋଉ ହାତକୁ ବଢ଼ାଇ ଶୋଇବାକୁ ଗଲା ।

ସକାଳୁ ବାପା ଦେଖିଲେ ଆଦର୍ଶ ପାହାନ୍ତିଆରୁ ଉଠି ପଢ଼ା ସମୟରେ ମୋବାଇଲ ନ ଘାଣ୍ଟି ,ଅନ୍ୟ ଖେଳ ନ ଖେଳି ହୋମୱାର୍କ ଶେଷ କରିଦେଇଛି । ଏବେ ସେ ବାପାଙ୍କ ସହିତ ମର୍ନିଂ ୱାର୍କ ଯାଇ ପାରିବ ।

ବାପାଙ୍କ ପାଦ ସହ ପାଦ ମିଶାଇ ଚାଲୁ ଚାଲୁ ସେ ଚିନ୍ତା କଲା, ସତରେ ହୋମୱାର୍କକୁ ବୋଝ ଭାବିଲେ ହିଁ ବୋଝ । ଯଦି ଖୁସିରେ କରାଯିବ ତେବେ ସବୁ ପାଠ ଭାରି ସହଜ ହୋଇପାରିବ ।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

ଲୋଭର ଫଳ

ସତ୍ୟନାରାୟଣ ପ୍ରଧାନ

ନରହରିପୁର ଗାଁରେ ଟଙ୍କଧର ବୋଲି ନାମକ ଜଣେ କୃପଣ ଲୋକ ରହୁଥିଲା । ସେ ଲୋକମାନଙ୍କର ଟିକେ ଭୁଲ୍ ଦେଖିଲେ ହଇରାଣ କରି ଟଙ୍କା ଆଦାୟ କରୁଥିଲା । ଦିନେ ସେଇ ଲୋକଟିର ଧାନ ବିଲରେ ଛେଳିଟିଏ ପଶି କାହିଁ କେତେ ବେଳରୁ ମନ ଖୁସିରେ ଖାଉଥିଲା । ସେ ଲୋକଟି ରାଗରେ ପଞ୍ଚମ ହୋଇ ତାକୁ କାହାର ଛେଳି ବୋଲି ପଚରା ଉଚରା କରି ନିରାଶ ହେବା ପରେ ତାକୁ ସାଙ୍ଗରେ ଘରକୁ ନେଇ ଯାଇଥିଲା । ଯଦି କେହି ରାତି ପାହିଲେ ଦେଖା କରିବାକୁ ନ ଆସନ୍ତି ତାକୁ ବିକ୍ରି କରିଦେଇ ଦୁଇ ପଇସା ମୋଟା ଅଙ୍କର ରୋଜଗାର ହୋଇଯିବ ବୋଲି ଚିନ୍ତା କରିଥିଲା ।

ଛେଳିର ନିଜ ଘର ହୋଇ ନ ଥିବାରୁ ସେ କାହାରିକୁ ଚିହ୍ନି ନ ପାରି ନିଜ ଭାଷାରେ ଖାଲି ବୋବାଉ ଥିଲା । ଆଉ କାହାର ପଶୁ ହୋଇଥିବାରୁ ଘର ଅଗଣାରେ ତାକୁ ଏକ ଗଛ ମୂଳେ ବାନ୍ଧି ଦିଆ ଯାଇଥିଲା । ଛେଳି ଆସିବା ଠାରୁ ବିକଳ ହୋଇ ଛାଡ଼ି ଦେବାକୁ ରଡି କରୁଥିଲା । ସେ ନିରୀହ ପଶୁ ପରିବାରର ଲୋକମାନଙ୍କୁ ବିକଳ ହୋଇ ଚାହିଁ ରହିଥିଲା ।

କେହି ତାକୁ ଆହା ବୋଲି ପଦେ କହି ନ ଥିଲେ । କେଉଁଠି ଥିଲା କେଜାଣି କଳା ହାଣ୍ଡିଆ ମେଘ ଅଚାନକ ପରିବେଶକୁ ପୁରା ଉଛନ୍ନ କରି ଦେଇଥିଲା । ମେଘ ଆସିବା ଭୟରେ ସମସ୍ତେ ଖାଇ ପିଇ ଶୋଇ ପଡ଼ିଥିଲେ । ସକାଳୁ ଛେଳି ବର୍ଷା ପାଣି ଖାଇ ଶୀତରେ ଥରି ପାଟି କରିବା ବନ୍ଦ କରି ଦେଇଥିଲା । ସେପଟେ ଘର ମାଲିକ ଖୋଜି ଆସି ପହଞ୍ଚି ଯାଇଥିଲା । ଛେଳିକୁ ଆଗରୁ ପାଳି ପୋଷି ବଡ଼ କରି ଥିବାରୁ ତାକୁ ହାତ ହଲାଇ ଦେବାରୁ ମିଛରେ ମରିଗଲା ପରି ଶୋଇବାର ଅଭିନୟ କରିଥିଲା ।

ଲୋକଟିର ଛେଳିକୁ ବାହାରେ ବାନ୍ଧିଥିବାରୁ ତାର ଯେଉଁ କ୍ଷତି ହେଲା ସେଥିପାଇଁ ବିଲ ମାଲିକକୁ ତାର କ୍ଷତିପୂରଣ ଦେବାକୁ କହିଥିଲା

ନ ହେଲେ ତା ନାଁରେ ପଞ୍ଚାୟତରେ ଅଭିଯୋଗ କରି ଦଣ୍ଡ ବିଧାନ କରିବ ଶୁଣାଇ ଦେଇଥିଲା । ସେ ଲୋକଟି ତା ଛେଳିକୁ ବାହାରେ ରଖି ବର୍ଷା ମାଡ଼ ଖୁଆଇବାର ଭୁଲ୍ କରିଛି ଜାଣି ପାରିଥିଲା । କାଳେ କଥାଟା ଚାରିଆଡ଼େ ବ୍ୟାପି ଗଲେ ବେଶି କ୍ଷତିପୂରଣ ଦେବାକୁ ପଡ଼ିବ ସେଥିପାଇଁ ଲୋକଟିର ହାତରେ କିଛି ଟଙ୍କା ଧରାଇ ଦେଇ ଯିବାକୁ କହିଥିଲା । ସେ ଲୋକଟି ସାଙ୍ଗରେ ଗଲାବେଳେ ତା ଛେଳିକୁ ନେଇ ଯାଇଥିଲା । କିଛି ବାଟ ଯିବା ପରେ ତା କାନ ପାଖରେ ହାତ ମାରିଦେବାକୁ ସେ ଉଠି ପଡ଼ିଥିଲା । ଦୂରରୁ ଟଙ୍କଧର ତା ସହିତ ବୋକାମି ହୋଇଛି ବୋଲି ଜାଣି ପାରିଥିଲା ହେଲେ ପଛରୁ ଡାକି କହିଲେ ପୁଣି ଆଉ କିଛି ହରାଇବାକୁ ପଡ଼ିବ ଭୟରେ ଚୁପ୍ ରହି ରହିଥିଲା । ବେଶି ଲୋଭ କଲେ ତା ଫଳ ଭୋଗିବାକୁ ପଡେ ବୋଲି ବୁଝି ପାରୁଥିଲା ।

+ଅଣ୍ଟିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ-୯୧୭୮୩୧୩୬୪୪

କବିତା

ତୁମ ପାଇଁ

ଆଳୁ

ଧ୍ରୁବ ଚରଣ ଘିବେଲା

ଫଳେନି ଗଛରେ ଝୁଲେନି ଡାଳରେ
ହୁଏନି ମାଟି ଉପରେ
ମାଟି ଖୋଳୁ ଖୋଳୁ ମିଳିଥାଏ ଆଳୁ
ଚାଷ ହୋଇଥିବା କ୍ଷେତରେ ।
ମାଟି ତଳେ ତଳେ ହୁଏବୋଲି ତାକୁ
ଭାବିବନି କେବେ ମୂଳ
ରୂପାନ୍ତରିତ କାଣ୍ଡ ମଧ୍ୟେ ଗଣା ଆଳୁ
ହେଲେ ବି ସେ ମାଟି ତଳ ।
ପରିବା ଭିତରେ ଗୋଟିଏ ପରିବା
ଘରେ ଘରେ ତା' ଆଦର
ସବୁଠାରେ ମିଳେ ବଜାରରେ ଗଡ଼େ
ସବୁଠି ଚାହିଦା ତା'ର ।
ସବୁ ବ୍ୟଞ୍ଜନରେ ସିଏ ମିଶିପାରେ
ପରିବା ଭିତରେ ସାର
ନିରାମିଷ ଅବା ଆମିଷ ବ୍ୟଞ୍ଜନେ
ହୋଇପାରେ ଆବିଷ୍କାର ।
କିଏ ବା କରନ୍ତି ଆଳୁକୁ ପସନ୍ଦ
ମାଛ ମାଂସ ବ୍ୟଞ୍ଜନରେ
କରେ ସୁଆଦିଆ ଆମିଷ ଝୋଳକୁ
ଆଳୁ ବହଳିଆ କରେ ।
ସୁନ୍ଦର ପରିବା ଆଳୁ ଏଥିପାଇଁ
ଏକୁଟିଆ ହୁଏ ବ୍ୟଞ୍ଜନ
ଆଳୁ ତରକାରୀ ଆଳୁ ଭଜା ଭର୍ତ୍ତା
ଖାଇବାରେ ମନୋରଞ୍ଜନ ।
କିଛି ନ ହେଲେ ବି ପଖାଳ ଭାତକୁ
ଆଳୁ ପୋଡ଼ା ଜମାଣିଆ
ଲୁଣ ମରିଚକୁ କଟା ପିଆଜର
ଖିଆ ମଜା ମଉଜିଆ ।
ନ ଥାଉ ପଛକେ ନାନାଦି ବ୍ୟଞ୍ଜନ
ଗରିବର ଭାତ ଥାଳେ
ଆଳୁ ଯଦି ଅଛି ପରବାୟ ନାହିଁ
ଆଳୁ ବ୍ୟଞ୍ଜନରେ ଚଳେ ।
ଆଳୁ ଏକା ସାଥି ଧନୀ ଗରିବଙ୍କ
ରଖେନି ବାଛ ବିଚାର
ଆଳୁ ଯୋଗୁଁ ଚଳେ ଆଳୁପ୍ରିୟଙ୍କର
ସୁନ୍ଦର ଘର ସଂସାର ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଗୁରୁଂକୁ ନର କେବେ ନ'ମଣ.....

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଗୁରୁ ହିଁ ବ୍ରହ୍ମା ବିଷ୍ଣୁ ମହେଶ
ଆରାଧ ଦେବ ଆମ
ଗୁରୁ କରନ୍ତି ଅନ୍ଧାର ଦୂର
ବିତରି ବିଦ୍ୟା ଜ୍ଞାନ ।
ଗୁରୁଂକ କୁହା ମାନି ଚଳିଲେ
ବିଦ୍ୟାରେ ରୁହେ ଧ୍ୟାନ
ଅମୂଲ୍ୟ ଶିକ୍ଷା କରି ଅର୍ଜନ
ଜୀବନ ହୁଏ ଧନ୍ୟ ।
ଗୁରୁ ଦିବସ ଶୁଭ ଲଗନେ
ଗୁରୁଂକ ପାଦ ଧୋଇ
ଧୂପ ଦୀପରେ ବନ୍ଦନା କରି
ପୂଜିବା ପୁଷ୍ପ ଦେଇ ।
ଚରଣ ଛୁଇଁ ଆଶିଷ ନେବା
ହୋଇବା ଭଲ ଚାଟ
ଜ୍ଞାନ ଗାରିମା ବଢିବ ଆମ
ପଢିଲେ ନିତି ପାଠ ।
ଗୁରୁଂକ ସେବା କରଇ ଯିଏ
ଜଗତେ ପାଏ ମାନ
ସରସ୍ୱତୀଂତ ଆଶିଷ ବଳେ
ଖୁସୀରେ କାଟେ ଦିନ ।
ଗୁରୁ ଦେବତା ଭାଗ୍ୟ ବିଧାତା
ଶିଷ୍ୟର ମନ ଜାଣି
ଅମାପ ଜ୍ଞାନ ଭରି ଦିଅନ୍ତି
ବିଦ୍ୟାର ମଂଜି ବୁଣି ।
ଗୁରୁଂକୁ ନର କେବେ ନ'ମଣ
ସିଏ ପରମେଶ୍ୱର
ତାଂକ ନୀତିକୁ ଯିଏ ଆଦରେ
ହସେ ପରାଣ ତା'ର ।
ରାମଚନ୍ଦ୍ର ବେହେରା

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ଫୁଲ ଫୁଟିଗଲେ

ପ୍ରଶାନ୍ତ କୁମାର ଦାଶ

ସକାଳଆସିଲେ ଫୁଲଫୁଟିଗଲେ
ଚହଟେ ସୁଗନ୍ଧ ତାର
ମେଲିଦିଏ ସିଏ ଶୋଭାର ପସରା
ସବୁଜିମା ପାରାବାର ।
ଫୁଲଫୁଟିଗଲେ ଜହ୍ନଲୁଚିଯାଏ
ଉଏଁ ଆକାଶରେ ରବି
ଦିଶେ ଝଲମଲ ମନକିଣିନିଏ
ଫୁଲବଗିଚାର ଛବି ।
ଫୁଲଫୁଟିଗଲେ କାଳିଆ ଭଅଁର
ଉଡ଼ିଆସେ ପ୍ରଜାପତି
ଫୁଲକୁ କରଇ ଆଦର ସେନେହ
ସବୁଠୁ ନିଜର ଅତି ।
ଫୁଲଫୁଟିଗଲେ ସୁଗନ୍ଧ ସୁବାସ
ପବନ ଚୋରାଇ ନିଏ
କୀଟଠୁ ପତଙ୍ଗ ସାରା ଦୁନିଆରେ
ସୁବାସକୁ ବାଣ୍ଟିଦିଏ ।
ଫୁଲଫୁଟିଗଲେ ଆଦରରେ ତୋଳି
ମାଳି ଗୁନ୍ଥୁ ଫୁଲହାର
ଠାକୁରଙ୍କୁ ଦେଇ ମରମ ତଳର
ଦୁଃଖ ଜଣାଏ ସେ ତାର ।
ଫୁଲଫୁଟିଗଲେ ଅପାତ ଆଣଇ
ସରାଗେ ଗଛରୁ ତୋଳି
ଦିଏ ତାକୁ ଘରେ ଠାକୁର ମଥାରେ
କରି ସେ ପ୍ରାର୍ଥନା ଅଳି ।
ଫୁଲଫୁଟିଗଲେ ବାସ ବିତରିଲେ
ପିଲାଙ୍କୁ ଲାଗଇ ଖୁସି
ଫୁଲପରି ଶାନ୍ତ ସରଳ ହେବାକୁ
ମନେ ମନେ ଭାବେ ଲୁସି ।
ଫୁଲପରି ହେଲେ ସରଳ କୋମଳ
ମହକ ସୁଗନ୍ଧଭରା
ହସିଉଠିବ ଏ ସୁନ୍ଦର ସଂସାର
ସରଗ ସମାନ ଧରା ।

+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ:୯୬୬୮୮୨୨୧୯୦

ସରି ଯାଇପାରେ

କୀର୍ତ୍ତନ ସାହୁ

ସରି ଯାଇପାରେ ଫୁଟୁଥିବା ଫୁଲ
ରହିଯାଇ ପାରେ ମଞ୍ଜି
ସେହି ମଞ୍ଜି କାୟା ବିସ୍ତାରିବ ତାର
ଚାରା ପୋତିଦେଲେ ଖଞ୍ଜି ।
ସରି ଯାଇ ପାରେ ପଡ଼ିଆରୁ ଘାସ
ହଳ କରି ଥର ଥର
ସେ ଜମିରେ ଭଲ ଫସଲ କରିଲେ
ପୂରି ଉଠିପାରେ ଘର ।
ସରି ଯାଇ ପାରେ ପୋଖରୀରୁ ମାଛ
ରହି ଯାଇ ପାରେ ପାଣି
ସେ ପାଣିରେ ପୁଣି ଜାଆଁଳ ଛାଡ଼ିଲେ
ଖୁସି ଦିଏ ମନ ଜାଣି ।
ସରି ଯାଇ ପାରେ ସଞ୍ଚିଲା ସମ୍ପତ୍ତି
ରହି ଯିବ ଭଲ ମନ
ଭଲ ମନ ନେଇ କାମେ ଆଗେଇଲେ
ହେବ ସେ ଅସଲ ଧନ ।
ସରି ଯାଇ ପାରେ ଜୀବନ ଆୟୁଷ
ରହିବ ମହତ କାର୍ଯ୍ୟ
ସେହି କାର୍ଯ୍ୟ ଯଶ ଲୋକଙ୍କ ହୃଦୟେ
ରହିବା କଥାଟି ଧାର୍ଯ୍ୟ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି

ତା . ୩୧.୦୮.୨୦୨୪ ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ

୧ । ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨ । ରାସ୍ତା ବା ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩ । ସରକାରୀ ଜମି ରାସ୍ତା ଏବଂ ଡ୍ରେନ ଆଦି ଅବରୋଧ କରି ସର୍ବ ସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪ । ସର୍ବ ସାଧାରଣ ସ୍ଥାନରେ ବା ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡି ଜନସାଧାରଣଙ୍କ ଯାତାୟତରେ ଓ ଚଳପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୫ । ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୬ । ଜଳ ନିଷ୍କାସନ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୭ । ନିୟମିତ ଘର ଟିକସ ଦୋକାନ ଲାଇସେନ୍ସ ଫି ଓ ପୌରପାଳିକା ଦୋକାନ ଗୃହ ଭଡା ପଇଠ କରି ପୌରପାଳିକା ଅର୍ଥନୈତିକ – ପ୍ରଗତିରେ ସହାୟକ ହୁଅନ୍ତୁ ।
୮ । ନିଜ ବାସଗୃହ ପରିସରକୁ ସଫା ରଖି ଭୂତାଣୁ ଜନିତ ରୋଗ ପ୍ରତି ସତର୍କ ରୁହନ୍ତୁ ।
୯ । ବ୍ୟବସାୟ ପ୍ରତିଷ୍ଠାନ ଓ ବାସଗୃହମାନଙ୍କରୁ ବାହାରୁଥିବା ନିର୍ଗତ ଓଦା ଅଳିଆ ଓ ଶୁଖା ଅଳିଆ ଏଣେ ତେଣେ ନ ପକାଇ ପ୍ରତ୍ୟେକ ୱାର୍ଡ଼କୁ ଯାଉଥିବା ସ୍ୱଚ୍ଛ ସବାରୀରେ ଅଲଗା କରି ଦିଅନ୍ତୁ ।
୧୦ । ବାଲେଶ୍ୱର ପୌରପାଳିକା ଅଞ୍ଚଳକୁ ଆବର୍ଜନା ମୁକ୍ତ କରନ୍ତୁ ।
୧୧ । ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ / ଅନୁଷ୍ଠାନ ପରିସର ୫ ମିଟର ପରଧିରେ ନିଜେ ପରିଷ୍କାର କରନ୍ତୁ ।

ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜସିକେ (ଭା.ପ୍ର.ସେ.) ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା	ଶ୍ରୀ କୈଳାଶ ଚନ୍ଦ୍ର ସେଠୀ (ଉପାଧ୍ୟକ୍ଷ) ଓ ସମସ୍ତ ପାରିଷଦ ବୃନ୍ଦ, ବାଲେଶ୍ୱର ପୌରପାଳିକା	ଶ୍ରୀମତୀ ସବିତା ସାହୁ ଅଧ୍ୟକ୍ଷା ବାଲେଶ୍ୱର ପୌରପାଳିକା

ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

ଦୈନିକ ଖବର କାଗଜମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

ପରିଷଦ ତରଫରୁ ଆମର ସଂକଳ୍ପ

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ ।
୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦାଙ୍କ ନିମନ୍ତେ ବାସପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି ।
୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ ।
୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବା ।
୫. ସମସ୍ତ ରାସ୍ତାର ଏଲିଡି ଲାଇଟ ଦ୍ୱାରା ଆଲୋକିକରଣ କରାଯାଇଅଛି ।
୬. ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି ।
୭. ଗାଈ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
୮. ଗ୍ରୀନ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଅଛି ।
୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନଙ୍କୁ ସୁନ୍ଦର ଏବଂ ମନୋରମ ସେଲଫୀ ପଏଣ୍ଟ (Selfi Point)ପରିବର୍ତ୍ତିତ କରାଯାଇଅଛି ।
୧୦. ଘରୁ ବାହାରୁ ଥିବା ଅଳିଆ ଆବର୍ଜନା ଗୁଡିକୁ ଏମସିସିଏମଆରଏଫ (MCC MRF) ପ୍ରଣାଳୀରେ ମୋ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇ ପାରୁଅଛି ।
୧୧. ବହୁ ମାତ୍ରାରେ ସଫା ଆପ୍ (Safa App) ବ୍ୟବହାର କରି ସେସପୁଲ ଗାଡ଼ି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି ।
୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ୍ ପୃଥକ୍ କରି ଅଳିଆ ଗାଡିରେ ଅଳିଆ ପକାଇବା ଓ ମିଳିମିଶି ଆମ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବା ।

ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ

'ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ ଚିକିଟୀକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ"
'ସ୍ୱଚ୍ଛ ଗଞ୍ଜାମ ସୁସ୍ଥ ଗଞ୍ଜାମ
ସ୍ୱଚ୍ଛ ଚିକିଟି ସୁସ୍ଥ ଚିକିଟି'

ସ୍ୱା/- ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ ଉପ ନଗରପାଳ ବିଜ୍ଞାପିତଅଞ୍ଚଳ ପରିଷଦ, ଚିକିଟି	ସ୍ୱା/-- କାର୍ଯ୍ୟ ନିର୍ବାହୀଅଧିରୀ, ବିଜ୍ଞାପିତଅଞ୍ଚଳ ପରିଷଦ, ଚିକିଟି	ସ୍ୱା/- ଶ୍ରୀମତୀ ଦୀପା କୁମାରୀ ସାହୁ ନଗରପାଳିକା ବିଜ୍ଞାପିତଅଞ୍ଚଳ ପରିଷଦ, ଚିକିଟି

ଭାରତୀୟ ସ୍ୱାୟତ ଶାସନ ଦିବସ

୧ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା ସମସ୍ତଙ୍କୁ ସ୍ୱାଗତ ଜଣାଉଛି ।
୨ . ସ୍ୱଚ୍ଛତା ଆପଣାନ୍ତୁ ବେମାରିକୁ ହଟାନ୍ତୁ ।
୩. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ପରିଷଦକୁ ସାହାଯ୍ୟ କରନ୍ତୁ ଏବଂ ଏକ ବିକଶିତ ସହର ଗଠନ କରିବାରେ ନିଜକୁ ସାମିଲ କରନ୍ତୁ ।

ସୂର୍ଯ୍ୟ ନାରାୟଣ ନାୟକ ଅଧ୍ୟକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା	ରଞ୍ଜିତା ସେଠୀ ଉପାଧ୍ୟକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା

ଓ
ସମସ୍ତ ପାରିଷଦ ବୃନ୍ଦ
କୃଷ୍ଣଚନ୍ଦ୍ର ରଥ
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା

ସ୍ୱାୟତ୍ତ ଶାସନ ଦିବସ ୨୦୨୪

ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ" ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ୍ କରାନ୍ତୁ ।
୩. ପରିଷଦର ସମ୍ପତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା ପାର୍ଶ୍ୱ ଓ ନାଳ ଉପରେ କ୍ୟାବିନ୍ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :- ଗାଈ, ଗୋରୁ, ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।

ଶ୍ରୀମତୀ ଅମ୍ବିକା ଦାସ ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ ନୀଳଗିରି	ଶ୍ରୀଯୁକ୍ତ ପ୍ରସନ୍ନକୁମାର ଦାଶ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି

ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା
ଉପ-ନଗରପାଳ, ସଭ୍ୟ/ ସଭ୍ୟା ବୃନ୍ଦ
ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି

ରାଉରକେଲା ମହାନଗର ନିଗମ ରାଉରକେଲା

ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା

ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ

☛ଆମ ରାଉରକେଲା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ରେ ଭାଗ ନେଉଛି । ନିଜ ସ୍ମାର୍ଟ ଫୋନ୍‌ରେ **QR Code Scan** କରି କିମ୍ବା **My Gov App / Vote for your City App/ Swachhata App/sbmurban.org/feedback**କୁ ଯାଇ ସେଠାରେ ଆମ ସହର ରାଉରକେଲା ପାଇଁ ଭୋଟ କରନ୍ତୁ । ଆମ ସହର ପାଇଁ ଭୋଟ କରିବା-ସ୍ୱଚ୍ଛ ସର୍ବେକ୍ଷଣ- ୨୦୨୪ରେ ରାଉରକେଲାକୁ ଶୀର୍ଷ ସ୍ଥାନରେ ରଖିବା ।
☛ଗୃହ ତଥା ବ୍ୟବସାୟିକ ପ୍ରତିଷ୍ଠାନର ଆବର୍ଜନାକୁ ପୃଥକ କରି ଓଦା ଆବର୍ଜନାକୁ ସବୁଜ ରଙ୍ଗର ଡଷ୍ଟବିନ୍ ଓ ଶୁଖିଲା ଆବର୍ଜନାକୁ ନୀଳ ରଙ୍ଗର ଡଷ୍ଟବିନରେ ପକାନ୍ତୁ ଏବଂ ନିଗମ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କୁ ହିଁ ପ୍ରଦାନ କରନ୍ତୁ ।
☛-ପ୍ଲାଷ୍ଟିକ/ପଲିଥିନ କ୍ୟାରିବ୍ୟାଗ୍ ଏବଂ ନିଷିଦ୍ଧ ପ୍ଲାଷ୍ଟିକ୍ ତଥା ଥର୍ମୋକଲ ନିର୍ମିତ କପ, ଗ୍ଲାସ, ପ୍ଲେଟ ଏବଂ ସାଜସଜ୍ଜା ସାମଗ୍ରୀର ବ୍ୟବହାରକୁ ମହାନଗର ନିଗମ ଅଞ୍ଚଳରେ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ନିୟମ ଉଲଂଘନକାରୀଙ୍କ ନିମନ୍ତେ ଜୋରିମାନା ବ୍ୟବସ୍ଥା ରହିଛି, ତେଣୁ ଏହାର ବ୍ୟବହାରରୁ ଦୁରେଇ ରୁହନ୍ତୁ । ପଲିଥିନ ବର୍ଜନ କରି ପରିବେଶକୁ ନିରାପଦ ରଖନ୍ତୁ ।
☛**SUJOG** ପୋର୍ଟାଲ ମାଧ୍ୟମରେ ବିଭିନ୍ନ ସେବା ଯଥା ଗୃହ ଟିକସ ପୈଠ, ବାଣିଜ୍ୟ ଅନୁମତି ପତ୍ର, ବିବାହ ପଞ୍ଜିକରଣ, ଗୃହ ନକ୍ସା ଅନୁମୋଦନ, ଜଳ ଟିକସ ପୈଠ, ଜନ ଅଭିଯୋଗ ଇତ୍ୟାଦି ସେବା ଯୋଗାଇ ଦିଆଯାଉଅଛି । ଏହାର ସୁଯୋଗ ନିଅନ୍ତୁ ।
☛ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୈଠ କରନ୍ତୁ ।
☛ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟବହାର ଗତ ଦେୟ ସଠିକ୍ ସମୟରେ ଦାଖଲ କରନ୍ତୁ ।
☛ମହାନଗର ନିଗମ ସମ୍ପର୍କିତ ଯେ କୌଣସି ଅଭିଯୋଗ ଯଥା ସ୍ୱଚ୍ଛତା, ଟିକସ, ବିବାହ ପଞ୍ଜିକରଣ, ଷ୍ଟ୍ରିଟ ଲାଇଟ, ଗୃହ ନକ୍ସା ଅନୁମୋଦନ (**Building Plan Approval**) ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାର୍କ, ରାସ୍ତା, ଡ୍ରେନ, ପେନସନ, ପାଇଖାନା ଟାଙ୍କି ସଫେଇ ଇତ୍ୟାଦି ସମ୍ପର୍କରେ ନିଗମର ଟୋଲ ଫ୍ରି ନମ୍ବର ୧୮୦୦-୩୪୫-୭୪୬୮ ରେ ଜଣାନ୍ତୁ । ସେହିପରି ସ୍ୱଚ୍ଛତା ସମ୍ପର୍କିତ ଯେ କୌଣସି ଅଭିଯୋଗକୁ ସ୍ୱଚ୍ଛତା (**Swachhata Mohua**) ଆପ ଜରିଆରେ ଜଣାନ୍ତୁ । ଏହାଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ଶୀଘ୍ର ସମ୍ଭବ ହୋଇପାରିବ ।
☛ରାଉରକେଲା ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ କରନ୍ତୁ ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

ବ୍ରହ୍ମପୁର ମହାନଗର ନିଗମ

ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

କରନ୍ତୁ

(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଯଥା: ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ସାଗୁଆ ରଙ୍ଗର ଡଷ୍ଟବିନରେ ଏବଂ ଶୁଖିଲା ଯଥା: କାଗଜ/ ପ୍ଲାଷ୍ଟିକ ଇତ୍ୟାଦି ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆବର୍ଜନା ସଂଗ୍ରହ କରି ଯାନରେ ପକାନ୍ତୁ।
(୨) ସ୍ୱଚ୍ଛ ସାଥୀଙ୍କୁ କିମ୍ବା ଆମ ସହର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମରେ ନିଜର ୫ ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

କରନ୍ତୁ ନାହିଁ

(୧) ଗୋଟିଏ ଡଷ୍ଟବିନରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁକୁ ଅଦରକାରୀ ପଦାର୍ଥ ଯଥା: କାଗଜ/ ପ୍ଲାଷ୍ଟିକ୍ ଇଦ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି/ ଝରକାରୁ ସର୍ବସାଧାରଣ ରାସ୍ତାକୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସରକୁ ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟକ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟାର, ଗମଲା ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ଭବାନୀ ପ୍ରସାଦ ମିଶ୍ର, କମିଶନର ବ୍ରହ୍ମପୁର ମହାନଗର ନିଗମ	ଶ୍ରୀ ଇ. ବିବେକ୍ ରେଡ୍ଡୀ ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ ଓ ସମସ୍ତ କର୍ପୋରେଟର ବୃନ୍ଦ ବ୍ରହ୍ମପୁର ମହାନଗର ନିଗମ	ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର ବ୍ରହ୍ମପୁର ମହାନଗର ନିଗମ

ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୪ ଉପଲକ୍ଷେ ସମସ୍ତ ଜନସଧାରଣଙ୍କୁ ପରିଷଦର ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଏହି ଅବସରରେ ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା।
●ଆମ ସହରକୁ ଆମେ ଗଢିବା ଓ ସୁନ୍ଦର ରଖିବା ।
●ପରିଷଦର ଟିକସ ଠିକ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ।
●ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।
●ପରିବେଶ ଓ ସମୁଦ୍ର କୂଳକୁ ସର୍ବଦା ସଫାସୁତୁରା ରଖନ୍ତୁ ।
●ପଲିଥିନ ବ୍ୟବହାର କରିବା ନାହିଁ ।
●ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ ।

ଶ୍ରୀ ମାନସ ରଞ୍ଜନ ମଲ୍ଲିକ ନିର୍ବାହୀ ଅଧିକାରୀ	ଶ୍ରୀ ଜାନକୀ ରାମ ଅଧ୍ୟକ୍ଷ	ଶ୍ରୀମତୀ ବି ଉମା ଉପାଧ୍ୟକ୍ଷା

ସଭ୍ୟ ସଭ୍ୟା ବୃନ୍ଦ

ଶ୍ରୀ ଏସ. ବିରେନ କୁମାର	ଶ୍ରୀମତୀ ସୁନିତା ସାହୁ
ରତନି କୁମାରୀ ନାୟକ	ଶ୍ରୀମତୀ ଏମ୍ କାମେଶ୍ୱରୀ
ଶ୍ରୀ ବି. ଗୋପାଳ କ୍ରୀଷ୍ଣା	ଶ୍ରୀ ଜି. ମୋହନ ରାଓ
ଶ୍ରୀମତୀ କଳ୍ପନା ବେହେରା	ଶ୍ରୀ ଜି. ମୋହନ ରାଓ
ଶ୍ରୀମତୀ ନିର୍ମଳା କୁଜୁର	ଶ୍ରୀ କେ. କାଲେଶୁ

ପୌରପରିଷଦ ହିଞ୍ଜିଳିକାଟୁ

ନିବେଦନ ବାର୍ତ୍ତା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ହିଞ୍ଜିଳିକାଟୁ ପୌରପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଗଣିତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରଯାଉଅଛି ଯେ...

●ବ୍ୟବସାୟୀମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ୧୫.୦୯.୨୪ ସୁଦ୍ଧା କରାଇ ନିଅନ୍ତୁ।
●ପ୍ରତ୍ୟେକ ଦୋକାନୀ ନିଜ ଦୋକାନର ୫ ମିଟର ଏରିଆ ସଫା ରଖନ୍ତୁ।
●ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ସବୁଜ ଓ ନୀଳ ରଙ୍ଗର ଡଷ୍ଟବିନ୍ ବ୍ୟବହାର କରନ୍ତୁ।
●ବ୍ୟବସାୟିକ ପ୍ରତିଷ୍ଠାନ ଗୃହ ମାଲିକମାନେ ଏକକ ବ୍ୟବହାର(**Single Use**) ପ୍ଲାଷ୍ଟିକ ବ୍ୟବହାର କରନ୍ତୁ ନାହିଁ।
●ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦ ନିକଟରେ ଗୃହ ନକ୍ସା ମଂଜୁର କରାନ୍ତୁ।
●ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା କରନ୍ତୁ ନାହିଁ।
●ଗୃହ ପାଳିତ ପଶୁକୁ ରାସ୍ତାରେ ଛାଡ଼ନ୍ତୁ ନାହିଁ।
●ମ୍ୟୁନିସିପାଲଟିର ସମସ୍ତ ସେବା ନିମନ୍ତେ ମ୍ୟୁନିସିପାଲଟି ୱେବ୍‌ସାଇଟ୍ ତଥା ସୁଯୋଗ (SUJOG)ବ୍ୟବହାର କରନ୍ତୁ।

ସ୍ୱା/- ଅଧ୍ୟକ୍ଷ
ପୌରପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ

ଜଳେଶ୍ୱର ପୌରପାଳିକା, ଜଳେଶ୍ୱର

ଜଳେଶ୍ୱର ପୌରପାଳିକା ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।
୧) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌରପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
୫) ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ।
୬) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗ

ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଡଗରାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

ବାଲିଆପାଳ, ୩୦/୮ (ନି.ପ୍ର): ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍) ଡଗରା ପକ୍ଷରୁ ବାଲିଆପାଳ ବ୍ଲକ୍ ଅଧୀନସ୍ଥ ଡଗରା କମରମେଳା ପଡ଼ିଆରେ ୨୦୨୪ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଶାରିରୀକ କାର୍ଯ୍ୟକଳାପର ପ୍ରସାର ଲକ୍ଷ୍ୟ ନେଇ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ୍‌ର ପ୍ରସ୍ତାବିତ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ନିକଟ ଅଂଚଳର ୧୫ଟି ସ୍କୁଲର ୧୬୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବାଲିଆପାଳର ବ୍ଲକ୍ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଡଗରା ସରପଂଚ ସତ୍ୟାନନ୍ଦ ମହାନ୍ତି, ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ପିପିଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଅତିଥିମାନେ ଦୌଡ କ୍ରୀଡ଼ା କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀମାନେ ଲମ୍ବ ଡିଆଁ, ଉଚ୍ଚ ଡିଆଁ ଓ ୧୦୦ ମିଟର ଦୌଡ଼ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସିନିୟର ବାଳକ, ସିନିୟର ବାଳିକା, ଜୁନିୟର ବାଳକ, ଜୁନିୟର ବାଳିକା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେହିପରି ଏକ କବାଡ଼ି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଯେଉଁଥିରେ ବିଭିନ୍ନ ସ୍କୁଲ୍‌ର ତିନିଟି ଦଳ ଅଂଶଗ୍ରହଣ କରି ସେମାନଙ୍କ କୌଶଳ ପ୍ରଦର୍ଶନ କରିଥିଲେ । ଏକ ପୁରସ୍କାର ବିତରଣ ସମାରୋହ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ବିଜେତାମାନଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା ।

ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମହିଳା 'ଶ୍ରୀମତୀ'

ଉଦଳା , ୩୦/୮ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଟୁଲୁକବାଡ଼ି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଶ୍ରୀମତୀ ବିନ୍ଧାଣୀ ସାମାଜିକ ସୁରକ୍ଷାରୁ ବଂଚିତ ଥିବା କଥା ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ଶ୍ରୀମତୀଙ୍କ ସ୍ୱାମୀ ରୁହ୍ୟା ବିନ୍ଧାଣୀଙ୍କର ଆଜକୁ ଗୋଟିଏ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ଶ୍ରୀମତୀ ଗୋଟିଏ ବର୍ଷ ଧରି ବିଧବା ଜୀବନ ବିତାଇବା ସହ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ବିଧବା ମହିଳା ମାନଙ୍କୁ ସରକାର ଯେଉଁ ଭତା ପ୍ରଦାନ କରୁଛନ୍ତି ତାହା ଶ୍ରୀମତୀ ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ଏଥିପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ୍ୟ କୌଣସି ସୁଫଳ ପାଇପାରି ନଥିବାର କଥା କହିଛନ୍ତି । ବିଭାଗୀୟ କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବନ୍ଦ ପଡ଼ିଛି ରାଜ୍ୟର ୩୫ ବୃହତ ଶିଳ୍ପ

ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟରେ ବନ୍ଦ ହୋଇପଡିଛି ୩୫ଟି ବୃହତ ଶିଳ୍ପ । ବିଧାନସଭାରେ ବିଜେଡି ବିଧାୟକ ମନୋହର ରାନ୍ଧାରିଙ୍କ ପ୍ରଶ୍ନରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଲିଖିତ ଉତ୍ତର ରଖିଛନ୍ତି । ରାଜ୍ୟରେ ଏବେ ୩୫ଟି ବୃହତ ଶିଳ୍ପ ବନ୍ଦ ହୋଇଥିବା ବେଳେ ସେଥିମଧ୍ୟରୁ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୭ଟି ବୃହତ ଶିଳ୍ପ ବନ୍ଦ ହୋଇପଡିଛି । ସେହିପରି କଟକରେ ୬ ଟି, ଅନୁଗୁଳ, ଯାଜପୁର, ମୟୁରଭଞ୍ଜ, ବାଲେଶ୍ୱର ଜିଲ୍ଲାରେ ୩ଟି ଲେଖାଏଁ ବୃହତ ଶିଳ୍ପ ବନ୍ଦ ହୋଇପଡିଛି ।

ବିଜେପି ସରକାରର ଭଉା ସମ୍ପର୍କୀୟ ନିର୍ବାଚନ ପ୍ରତିଶ୍ରୁତି ଖିଲାଫ୍ ପ୍ରତିବାଦରେ ସଦର ବିଜେଡି ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୩୦/୮ (ନି.ପ୍ର): ବାଲେଶ୍ୱର ସଦର ବିଜେଡି ପକ୍ଷରୁ ଭଉା, ବିଜୁଳି ଓ ଅନ୍ୟାନ୍ୟ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ବିରୁଦ୍ଧରେ ଜନଜାଗରଣ ସଭା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ବିଜେପି ଦଳ ଯେପରି ପ୍ରତାରଣା ପରେ ପ୍ରତାରଣା କରିଚାଲିଛି ତାହାର ପ୍ରତିଫଳନ ଆଗାମୀ ଦିନରେ ସମସ୍ତେ ଦେଖିବେ ବୋଲି ଶ୍ରୀଯୁକ୍ତ ଦାସ ନିଜ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କେବଳ ଭଉା ନୁହେଁ ଅନେକ ଯୋଜନାର ମିଛ ପ୍ରତିଶ୍ରୁତି ଦେଇ ବିଜେପି ସରକାରକୁ ଆସିଛି ଯାହା ଓଡିଶା ବାସୀ ଜାଣି ସାରିଲେଣି,ଆସନ୍ତା ଦିନ ମାନଙ୍କରେ ସମସ୍ତ ଅଞ୍ଚଳରେ ଏକଥା ପାଇଁ ବିଜେପି ଦଳରୁ ବିରୋଧର ସାମ୍ନା କରିବା ପାଇଁ ପଡିବ।ବିଜୁ ଜନତା ଦଳର ବାଲେଶ୍ୱର ସାଂସଦ ପାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ଓଡିଆ ଅସ୍ମିତା କଥା କହି ଓଡିଆଙ୍କୁ ଠକି ଥିବା ଦଳ ବିଜେପିର ନେତାମାନେ କଣ କହୁଛନ୍ତି ବା କରୁଛନ୍ତି ସେମାନେ ନିଜେ ଜାଣି ନାହାଁନ୍ତି, ସେମାନଙ୍କୁ ଯାହା ଦିଲ୍ଲୀରୁ ନିର୍ଦ୍ଦେଶ ଆସୁଛି ତାହା କରୁଛନ୍ତି,ଏହା କଣ ବିଜେପିର ଓଡିଆ ଅସ୍ମିତା ବୋଲି ଡ. ସାମନ୍ତସିହାଂର ନିଜ ବକ୍ତବ୍ୟରେ ବିଜେପିକୁ ପ୍ରଶ୍ନ କରିଛନ୍ତି ।ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଂଜନ ବାଗ,ମୁନିସିପାଲିଟି ଉପାଧକ୍ଷ କୈଳାସ ସେଠୀ, ପୂର୍ବତନ ଉପ ନଗରପାଳ ମନୋଜ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଉମିଲତା ଦାସ,ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ,ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ବିଜେଡି ମିଡ଼ିଆ ସଂଯୋଜକ ଧିରେନ ନାୟକ,ଟାଉନ ମହିଳା ସଭାପତି ତଥା କାଉସିଲର ମୀନା ମହାନ୍ତି, କାଉସିଲର ମୀତା ପଟ୍ଟନାୟକ, କବିତା ମୃମୁ, ମୀରାଜ ବାନୋ, ସଂଧାରାଣୀ ଜେନା, ସବିତା ରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ,ଶୋଭା ମହାପାତ୍ର, ଶଶିରେଖା ମହାନ୍ତି, ସେକ ଆୟୁବ,କାର୍ତିକ ସାହୁ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ଟାଉନ ବିଜେଡି ସଭାପତି ସନତ ଦାସ,ପୂର୍ବତନ କାଉସିଲର ବିଶ୍ୱଜିତ ମହାପାତ୍ର,ସଦର ଯୁବ ସଭାପତି ସେକ ଅନସର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶେଷରେ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ପାଟଳୀପୁରା ବାବା ସିଦ୍ଧେଶ୍ୱର ପୀଠରେ ଅମୃତ ପ୍ରକୃତି ବନ୍ଦନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଡ଼ସାହି , ୩୦/୮ (ନି.ପ୍ର): ପର୍ଯ୍ୟାବରଣ ସୁରକ୍ଷା ଗଠ୍ଠିଧି ମୟୂରଭଞ୍ଜ ପକ୍ଷରୁ ବେତନଟୀ ବ୍ଲକର ପାଟଳୀପୁରା ଗ୍ରାମ ପଞ୍ଚାୟତରେ ଥିବା ବାବା ସିଦ୍ଧେଶ୍ୱର ପୀଠ ପରିସରରେ ବୃକ୍ଷ ରୋପଣ ଓ ଅମୃତ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟାବରଣ ସୁରକ୍ଷା ଗଠ୍ଠିଧିର ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମା ତାରିଣୀ ସୟଂ ସହାୟିକା ଗୋଷ୍ଠୀର ସଭାପତି ରୁବିମଣି ଦଳେଇ, ସମ୍ପାଦିକା ଦୀପ୍ତି ମୟୀ ଖୁଣ୍ଟିଆ, ବାବା ସିଦ୍ଧେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ସର୍ସ୍ମିତା ବେହେରା, ବାବା ବଡାମ ସ୍ୱୟଂ ସହାୟିକା ଗୋଷ୍ଠୀର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ । ଗ୍ରାମ ଦେହୁରୀ ଲକ୍ଷ୍ମଣ ଜେନା, ଗୌତମ ବେହେରା, ଶୁଭମ ପ୍ରଧାନ, ସରୋଜିନୀ ବେହେରା, ଜୟନ୍ତୀ ଦେହୁରୀ, ରେଖା ରାଣୀ ଦେହୁରୀ, ମାମା ଦଳେଇ, ମମତା ବେହେରା ପ୍ରମୁଖଙ୍କ ସମେତ ଅନେକ ମହିଳା ଏବଂ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ମହାନ୍ତ କହିଲେଯେ ୧୭୩୦ ମସିହା ଅଗଷ୍ଟ ୨୮ ତାରିଖ ଦିନ ଯୋଧପୁରର ଅମୃତା ଦେବୀଙ୍କ ନେତୃତ୍ୱରେ ଜଙ୍ଗଲ ସୁରକ୍ଷା ପାଇଁ ୩୬୩ ମହିଳା ଶହୀଦ ହୋଇଥିବା ସ୍ମୃତିରେ ଏହି ଉତ୍ସବ ସମଗ୍ର ଦେଶରେ ପାଳିତ ହେଉଛି । ପ୍ରାରମ୍ଭରେ ମହିଳାମାନେ ଫୁଲ, ଚନ୍ଦନ,ଧୂପ ଦୀପ ଦେଇ ବୃକ୍ଷ ଦେବତାର ପୂଜା ଅର୍ଚ୍ଚନା କରିଥିଲେ ଏବଂ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ କ୍ଷ ସ୍ୱାଗତ କରିଥିଲେ ପଦ୍ମାବତୀ ଜେନା ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ ଅଞ୍ଜୁଲତା ବେହେରା ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପଦୋନ୍ନତି ସହ ଯାଜପୁର ବଦଳି

ପାରାଦ୍ୱୀପ , ୩୦/୮ (ନି.ପ୍ର): ଆଜି ପୂର୍ବାହ୍ନରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କର ପଦୋନ୍ନତି ସହ ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ବଦଳି ହୋଇଛି ।ଶ୍ରୀ ପଟ୍ଟନାୟକ ଆଜି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ ରାଉତଙ୍କୁ ଭେଟି ବିଦାୟ ନେଇଥିଲେ । ଶ୍ରୀ ପଟ୍ଟନାୟକଙ୍କୁ ଆଜି ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏଂ ଅନ୍ୟ କର୍ମଚାରୀ ମାନେ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା ସାମ୍ବାଦିକ ସଂଘ,ବହୁ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଶ୍ରୀ ପଟ୍ଟନାୟକ ଙ୍କ ଦୀର୍ଘ ବର୍ଷ ର କର୍ତ୍ତବ୍ୟ ନିଷ୍ଠ କାର୍ଯ୍ୟ ପାଇଁ ପ୍ରଶଂସା ବାର୍ତ୍ତା ସହ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରକାଶ ଥାଉକି, ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ୨୦୧୭ ମସିହା ରୁ ଅଦ୍ୟ ପର୍ଯ୍ୟନ୍ତ ଅତ୍ୟନ୍ତ ସୂଚାରୁ ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଙ୍କ ଦାୟିତ୍ୱ ନିର୍ବାହ କରିଆସିଛନ୍ତି । ନିଜର ଅମାୟିକ ବ୍ୟବହାର, ମିଷ୍ଟଭାଷୀ ଏବଂ ମେଳାପୀ ପ୍ରକୃତି ତଥା ସୁଦକ୍ଷ କର୍ତ୍ତବ୍ୟ ନିଷ୍ଠତା ଯୋଗୁ ସେ ସର୍ବଦା ଜିଲ୍ଲାପାଳ ତଥା ଜିଲ୍ଲାର ସମସ୍ତ ଅଧିକାରୀ ମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ବଦଳି ପରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଦିବାକର ପାତ୍ର, ଶୁଭଜିତା ପୃଷ୍ଟି, ସ୍ମୃତି ସାଗର ପ୍ରଧାନ, ମିର୍ଜା ଜାଫର ବେଗ, ପରୀକ୍ଷିତ ପଟ୍ଟନାୟକ, ଚିନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

ଆଉ କଲେଜ୍ କ୍ୟାମ୍ପସରେ...

ଦେଇଛି ବିଜେଡି । କଂଗ୍ରେସ କହିଛି ବିଜେଡି ସରକାର ନୂଆ ଭୋଟରଙ୍କୁ ଆକୃଷ୍ଟ କରିବାକୁ କରିଥିବା ଏ ଯୋଜନାକୁ ବିଜେପି ସରକାର ବନ୍ଦ କରି ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛି । ହେଲେ ସୁଭଦ୍ରା ଯୋଜନା ଭଳି ଏ ଯୋଜନାରେ ବି ଯେମିତି ନ ଠକନ୍ତୁ । ବିଜେପି କହିଛି ସରକାରଙ୍କ ନୂଆ ଯୋଜନା ଦ୍ୱାରା ଛାତ୍ରଛାତ୍ରୀ ପ୍ରକୃତରେ ଲାଭବାନ ହେବେ । ନିର୍ବାଚନ ପୂର୍ବରୁ ନୂଆ ଓ ଯୁବ ଭୋଟ୍ ଗୋଟେଇବାକୁ ବିନା ବଜେଟରେ ନୂଆ ଓ ଯୋଜନା ଆଣିଥିଲେ ନବୀନ ସରକାର । ଆଳଥିଲା ମେଧାବୃତ୍ତି, ହେଲେ ମାହୋଲ ବନେଇବାକୁ ଭୋଟ ରାଜନୀତିର ଯେମିତି ଗୋଟି ଚାଲିଥିଲା କ୍ୟାମ୍ପସରେ । ପିଲାଙ୍କ ଭିତରେ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ନାଁରେ ସେଲିବ୍ରିଟିଙ୍କୁ ଆଣି ମଞ୍ଚରେ ଆଲବମ୍ ଗୀତରେ ଠୁମକା ଲାଗୁଥିଲା । ଭୋଟ୍ ବାତାବରଣ ଭିତରେ ପାଖାପାଖି ୪ ମାସ କାଳ ଶୈକ୍ଷିକ ବାତାବରଣକୁ ନଷ୍ଟ କରି ଚାଲିଥିଲା ନାଚ ତାମସା । ଏମିତିକି ପିଲାଙ୍କ ପରୀକ୍ଷା ସମୟରେ ବି ନୂଆ ଓ ନାଁରେ କ୍ୟାମ୍ପସରେ ସଭା କରି ପ୍ରଚାରରେ ମାତିଥିଲେ ପାଣ୍ଡିଆନ୍ । ଯେଉଁଥିପାଇଁ କେବଳ ଏଇ ନାଚଗୀତ କାର୍ଯ୍ୟକ୍ରମ ପାଇଁ ୯୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସରକାର । ଏହାବାଦ୍ ନୂଆ ଓ ସ୍କଲାରସିପ୍ ବାବଦକୁ ୫ ଲକ୍ଷ ୩୦ ହଜାର ୬୩୫ ଛାତ୍ରଛାତ୍ରୀଙ୍କୁ ୫୨୬ କୋଟି ଟଙ୍କା ବଣ୍ଟାଯାଇଥିଲା । ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ଦିଆଯାଇଥିଲା ୧୦ ହଜାର ଟଙ୍କା । ତେବେ ନୂଆ ଓ ବଦଳରେ ନୂଆ ସରକାର ନୂଆ ଯୋଜନା ଆଣିବାକୁ ଯାଉଥିବାରୁ ଛାତ୍ରଛାତ୍ରୀ ଏହାକୁ ସ୍ୱାଗତ କରିଥିଲେ ବି ସ୍କଲାରସିପ୍ ଜାରି ରହିବା ନେଇ ଆଶା ରଖିଛନ୍ତି । ସେହିପରି କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ପୂର୍ବ ସରକାର ତରବରିଆ ଭାବେ କରିଥିବା ନୂଆ ଓ ଯୋଜନାରେ କିଛି ଦୋଷତ୍ରୁଟି ଥିବା କହି ନୂଆ ଯୋଜନା ଛାତ୍ରଛାତ୍ରୀଙ୍କ ପାଇଁ ନିଶ୍ଚିତ ଫଳପ୍ରଦ ହେବ ବୋଲି କହିଛନ୍ତି ।

ଫିଟୁନି ରହସ୍ୟ: ଏୟାରପୋର୍ଟ ...

କିନ୍ତୁ ବଳକା ଅଢ଼େଇ କେଜି ସୁନା ଏବଂ ୮୦ କେଜି ରୂପାର ମାଲିକ କିଏ ? ସେନେଇ ଏବେ ବି ସସପେନ୍ସ । କାରଣ ଯେଉଁ ନାଁରେ ଏତେ ପରିମାଣର ସୁନା-ଗହଣା ଓଡ଼ିଶା ଆସିଛି, ସେମିତି କୌଣସି ଗହଣା ଦୋକାନ ନାହାଁନ୍ତି କିମ୍ବା ମାଲିକ ନଥିବା ଜାଣିବାକୁ ପାଇଛି ସିଟି-ଜିଏସଟି ବିଭାଗ । କେବଳ ଏତିକି ନୁହେଁ, ଗତ ୪ ଦିନ ଧରି ରାଜଧାନୀରୁ ରାଜ୍ୟବ୍ୟାପୀ ହଟଚମଟ ହେଉଥିଲେ ବି ଏଯାଏଁ ସନ୍ଦେହ ବଢ଼ାଉଥିବା ବଳକା ସୁନା-ରୂପାର ଦାବିଦାର କେହି ସାମ୍ନାକୁ ଆସିନାହାଁନ୍ତି । ତେଣୁ ସିଟି-ଜିଏସଟି ବିଭାଗ ସମସ୍ତ ସୁନା-ରୁପାକୁ ସୁରକ୍ଷିତ ଭାବେ ରଖିଥିବା କୋଠରୀକୁ ସିଲ୍ କରିଛି । ତା'ସହ ଦାବିଦାରଙ୍କ ଉଦ୍ଦେଶ୍ୟରେ ୪୮ ଘଣ୍ଟାର ମହଲତ ଦେଇଛି । ସେଦିନ ଥିଲା ସୋମବାର । ଦିନ ପ୍ରାୟ ୧୨ଟା । ଭୁବନେଶ୍ୱର ବିମାନବନ୍ଦର ବାହାରୁ ଏହି ୨ଟି ଲଜିଷ୍ଟିକ୍ ଭ୍ୟାନରୁ ମିଳିଥିଲା ସୁନା-ରୂପା । ସୁନାର ଇ-ୱେ ବିଲରେ ଲେଖାଥିଲା ୮୭ କେଜି, କିନ୍ତୁ ବକ୍ସ ଖୋଲିଲାବେଳକୁ ବାହାରିଲା ୩୦ କେଜିର ସୁନା । ସେହିପରି ରୁପାର ଇ-ୱେ ବିଲରେ ଲେଖାଥିଲା ୨ କୁଇଣ୍ଟାଲ । ବକ୍ସ ଖୋଲିବା ପରେ ମିଳିଲା ପ୍ରାୟ ଦେଢ଼ କୁଇଣ୍ଟାଲ । ତେବେ ଇ-ୱେ ବିଲର ତଥ୍ୟ ଓ ଓଜନରେ ଏତେ ତଫାତ୍ କାହିଁକି ? ଏତେ ପରିମାଣର ସୁନା-ରୁପାକୁ କିଭଳି ବେନାମୀ ଭାବେ ପଠାଯାଉଥିଲା ? ଟିକସ ଫାଙ୍କିବା ଉଦ୍ଦେଶ୍ୟ ନା ଏହା ପଛରେ ରହିଛି ଚୋରାଚାଲାଣ ଲିଙ୍କ୍ ? ଏୟାରପୋର୍ଟ ଭଳି ହାଇସିକ୍ୟୁରିଟି ଜୋନକୁ କିଭଳି ଭେଦ କରି ପାରିହୋଇଗଲା ଲଜିଷ୍ଟିକ୍ ଭ୍ୟାନ୍ ? ବଳକା ବେନାମୀ ସୁନା-ରୂପାକୁ ଲଜିଷ୍ଟିକ ସଂସ୍ଥା କେଉଁଠି ଓ କାହା ପାଖରେ ଡେଲିଭରି କରିଥାନ୍ତା ? ସେନେଇ ନାନା ପ୍ରଶ୍ନ ଉଠୁଥିବାବେଳେ ସବୁ ଦିଗକୁ ଧରି ଖୋଳତାଡ଼ କରୁଛି ସିଟି-ଜିଏସଟି ।

ଆସିଲା ନୂଆ ...

ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ସର୍ତ୍ତ ରଖାଯାଇଛି । ଚଳିତ ଆର୍ଥିକ ବର୍ଷରେ କୌଣସି ନୂଆ ବିଦେଶୀ ଠିପି ବନ୍ଦ ମଦ ଦୋକାନ, ଦେଶୀ ମଦ ଦୋକାନ ଓ ଅନ୍ ସପ୍ ମଦଦୋକାନ ଖୋଲାଯିବ ନାହିଁ । କେବଳ ସେତିକି ନୁହେଁ ଚଳିତ ଆର୍ଥିକ ବର୍ଷ ପୂର୍ବରୁ ନବୀକରଣ(ରିନ୍ୟୁଆଲ) ହୋଇନଥିବା ୫୭ଟି ଅନସପ୍ ମଦଦୋକାନର ପୁନଃ ନବୀକରଣ ମଧ୍ୟ କରାଯିବ ନାହିଁ । ପ୍ରତିବର୍ଷ ମଦ ଲାଇସେନ୍ସଧାରୀଙ୍କ ପାଇଁ ବୃଦ୍ଧି ପାଉଥିବା ଏମଜିକ୍ୟୁ (ସର୍ବନିମ୍ନ ପରିମାଣ ଗ୍ୟାରେଂଟି)କୁ ଚଳିତବର୍ଷ ବୃଦ୍ଧି କରାଯିବ ନାହିଁ । ମଦ ବାରଗୁଡ଼ିକରେ କେବଳ ସଙ୍ଗୀତ ପରିବେଷଣର ଅନୁମତି ମିଳିବ । କିନ୍ତୁ ସେଠାରେ ନୃତ୍ୟ ପରିବେଷଣ ପାଇଁ ଅନୁମତି ଦିଆଯିବ ନାହିଁ । ଗ୍ରାମାଂଚଳରେ କେବଳ ଥ୍ରୀ-ଷ

ଶନିବାର, ୩୧ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଯୁବ ସମାଜସେବୀ କମଳଙ୍କ ଉଦ୍ୟମରେ ପ୍ରତାପଡା ଉଚ୍ଚବିଦ୍ୟାଳୟରେ ବୃକ୍ଷରୋପଣ

ନୀଳଗିରି, ୩୦/୮ (ନି.ପ୍ର): ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ପଞ୍ଚାୟତ ପ୍ରତାପଡ଼ା ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ସମାଜସେବୀ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନାୟକ ଜଙ୍ଗଲ ହ୍ରାସ ନେଇ ଦୁଃଖ ପ୍ରକାଶ କରିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଦିଗରେ ସଚେତନ ହେବା ଆବଶ୍ୟକ ବୋଲି ମତପୋଷଣ କରିଥିଲେ । ଶିକ୍ଷକ ରାଜେନ୍ଦ୍ର କୁମାର ରାଉତ ପରିବେଶ ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁବ ସମାଜସେବୀ କମଳଲୋଚନ ପଣ୍ଡା ପରିବେଶ ସନ୍ତୁଳନ ରକ୍ଷାପାଇଁ ବୃକ୍ଷରୋପଣ ଜରୁରୀ ବୋଲି କହିଥିଲେ । ଶିକ୍ଷକ ପ୍ରମୋଦ କୁମାର ପରିଡ଼ା, ବଟକୃଷ୍ଣ ତ୍ରିପାଠୀ, ଗୋପବନ୍ଧୁ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ପରେ ବିଦ୍ୟାଳୟରେ 'ଗଛ ଲଗାଅ ପୃଥିବୀ ବଞ୍ଚାଅ' ଶୀର୍ଷକ ବକୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଛାତ୍ର କୃଷ୍ଣକାନ୍ତ ପଣ୍ଡା ପ୍ରଥମ, ପ୍ରିତିଶଙ୍କର ନାୟକ ଦ୍ୱିତୀୟ ଓ ସାଇସ୍ମିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ତେବେ ଯୁବ ସମାଜସେବୀ କମଳଲୋଚନ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଗଛ ଲଗାଇବା ସହିତ ଗଛ ବାଣ୍ଟିବା ଲଗାଇଥିବା ଗଛର ଯତ୍ନ ନେବା ସହ ବିଭିନ୍ନ ପ୍ରତିଯୋଗିତା କରି ପିଲାମାନଙ୍କୁ ସୁସ୍ଥସମାଜ ଗଠନ ପାଇଁ ପରିବେଶ ସୁରକ୍ଷା ଆବଶ୍ୟକତା ସମ୍ପର୍କରେ ବାର୍ତ୍ତା ଦେବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ପରାମର୍ଶ ମଧ୍ୟ ଦେଉଛନ୍ତି ।

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

ଆସନ୍ତା ତା-୩୧.୦୮.୨୦୨୪ ରିଖରେ ନିଖିଳ ଭାରତ ସ୍ୱୟତ୍ତ ଶାସନ ଦିବସ ନିମନ୍ତେ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ । ଏହି ଦିବସରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିବାସୀଙ୍କ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇଦେବା ପାଇଁ ଆମେ ସଂକଳ୍ପବଦ୍ଧ ।

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି ଏହାର ରକ୍ଷଣବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।

୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ନିଜ ଘରେ ବାହାରୁ ଥିବା ଅଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।

୩. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

୪. ପଲିଥିନ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।

୫. ବାହାରେ ମଳତ୍ୟାଗ ନ କରି ନିଜସ୍ୱ ପାଇଖାନା ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।

୬. ଗୃହ ନିର୍ମାଣର ନକ୍ସା ପରିଷଦ କାର୍ଯ୍ୟାଳୟରେ ଅନୁମୋଦନ କରାଇ ନିଅନ୍ତୁ ।

ଜଗନ୍ନାଥ ବେହେରା	ଲିଲି ଭୋଳ	ପ୍ରମିଳା ପଣ୍ଡା
କାର୍ଯ୍ୟନିର୍ବାହୀ ଅଧିକାରୀ	ଉପ-ନଗରପାଳ	ନଗରପାଳ

ଓ ପରିଷଦର ସମସ୍ତ କାଉନସିଲର ବୃନ୍ଦ

ନନ୍ କଣ୍ଟେନରାଇଜ୍ଡ କାର୍ଗୋ ପୁରସ୍କାର ହାସଲ କଲା ପାରାଦୀପ ବନ୍ଦର

ପାରାଦୀପ, ୩୦/୮ (ନି.ପ୍ର): ନନ୍ କଣ୍ଟେନରାଇଜ୍ଡ କାର୍ଗୋ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ପାରାଦୀପ ବନ୍ଦରକୁ ୧୪ତମ ସର୍ବଭାରତୀୟ ମେରିଟାଇମ୍ ଓ ଲଜିଷ୍ଟିକ୍ସ ସମ୍ମାନ-୨୦୨୪ରେ ସମ୍ମାନୀତ କରାଯାଇଛି । ମୁମ୍ବାଇର ଜେଡବ୍ଲ୍ୟୁ ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଜବାହାରଲାଲ ନେହେରୁ ବନ୍ଦର ଅଧ୍ୟକ୍ଷ ଓ ଇସ୍ରାଏଲ୍‌ର କାଉନସିଲର ଜେନେରାଲଙ୍କଠାରୁ ବିଡିଟିପି ଚିଫ ମ୍ୟାନେଜର ରମାକାନ୍ତ ସାହୁ ଏହି ସମ୍ମାନ ଗ୍ରହଣ କରିଛନ୍ତି । ସର୍ବଭାରତୀୟ ସ୍ତରରେ ନୈବାଣିଜ୍ୟିକ କ୍ଷେତ୍ରରେ ସଫଳତା ହାସଲ କରିଥିବା କମ୍ପାନୀ, ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ଅବଦାନ ନିମନ୍ତେ ଏକ୍‌ଜିମ୍ ଇଣ୍ଡିଆ ଦ୍ୱାରା ଅନୁଷ୍ଠିତ ମାଲା-୨୦୨୪ ଅଧିନରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ହାସଲ କରିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପାରାଦୀପ ବନ୍ଦର ଟିମକୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସମ୍ମାନ ପାରାଦୀପ ବନ୍ଦରକୁ ସଫଳତାର ପାହାଚ ଚଢିବା ପାଇଁ ପ୍ରେରଣାଦାୟକ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ।

ସ୍ୱର୍ଗତ ଶ୍ରୀକାନ୍ତ ଦାସଙ୍କ ସ୍ମୃତି ଚରଣ ସଭା ବାଲିଆ କାର୍ଯ୍ୟାଳୟରେ ଅନୁଷ୍ଠିତ

ବାଲେଶ୍ୱର, ୩୦/୮ (ନି.ପ୍ର): ଆଜି ସ୍ୱର୍ଗତ ଶ୍ରୀକାନ୍ତ ଦାସଙ୍କ ଦ୍ୱାଦଶ ଦିବସୀୟ କାର୍ଯ୍ୟକ୍ରମ ବାଲିଆ କାର୍ଯ୍ୟଳୟରେ ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶୁକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଶୁକସଭାରେ ଜିଲ୍ଲାର ବହୁ ସମାଜବାଦୀ ରାଜନେତା ପ୍ରଶାସକ ଯୋଗ ଦେଇ ସ୍ୱର୍ଗତ ଶ୍ରୀକାନ୍ତଙ୍କ ସ୍ମୃତିପାଠ କରିଥିଲେ । ଜଙ୍ଗଲ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶରାମ ଖୁଣ୍ଟିଆଙ୍କ ବକ୍ତବ୍ୟରେ ସ୍ୱର୍ଗତ ଶ୍ରୀକାନ୍ତ ଦାସ (ପାତିନ) କୁ ଜଣେ ସୁସଂଗଠକ ତଥା ଯୁବ ମାନସରେ ପ୍ରେରଣା ର ଉତ୍ସ ଥିଲେ ବୁଲି କହିଥିଲେ ।ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ମେରୁଦଣ୍ଡ ଥିଲେ ବୋଲି ବହୁ ବକ୍ତା ମତ ପ୍ରକାଶ କରିଥିଲେ ।ଦିନ ତମାମ କରିଥିବା ଏହି ସୁକସଭାରେ ସମାଜସେବୀ କେଶବ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ରେମୁଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ ।ବିଜେପିର ବରିଷ୍ଠ ନେତା ବିପିନ ବିହାରୀ ଦାସ ଓ ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ଗୋପୀନାଥ ସେନାପତି,ରାମଚରିତ ମାନସ କମିଟି ର ସଦସ୍ୟ ଜଳଧର ପଣ୍ଡା ମଞ୍ଚାସୀନ ଥିଲେ ।ସ୍ମୃତି ଚାରଣ କରିଥିବା ବରିଷ୍ଠ ବ୍ୟକ୍ତି ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା,ସୁଦର୍ଶନ ଜେନା,ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ରାଉତ,ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ,ରେମୁଣା ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷା ପ୍ରାଚୀତନୟା ଗିରି, ଜିଲ୍ଲା ପରିଷଦ ସଦସ୍ୟ ଅଭିମନ୍ୟୁ ଧିନ୍ଦା,ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଦାସ,ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି,ବରିଷ୍ଠ ଆଇନଜୀବି ହରେକୃଷ୍ଣ ଦାସ, ଦେବିପ୍ରସାଦ ମହାପାତ୍ର,ନିରଞ୍ଜନ ପରିଡ଼ା,ମନୋଜ ନାୟକ,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶ୍ୟୁରାମ ପରିଡ଼ା,କୃଷ୍ଣ ଚନ୍ଦ୍ର ସାହା,ଉମାକାନ୍ତ ଜେନା, ଆଇନଜୀବି ଅଜିତ କୁମାର ଜେନା, ଦିଲ୍ଲୀପ କୁମାର ନାୟକ, ଗଦାଧର ପତି, ସରୋଜ ବେହେରା,ହରିବନ୍ଧୁ ପତ୍ର,ନରେନ୍ଦ୍ର ବିହାରୀ ଦାସ,ନାରାୟଣ ମହନ୍ତ,ଉମାକାନ୍ତ ପଣ୍ଡା ବିଭୁ ପ୍ରସାଦ ଦାସ,ପ୍ରଦୀପ କୁମାର ଦାସ, ଗଜେନ୍ଦ୍ର ମହାନ୍ତି,ଅନିରୁଦ୍ଧ ପ୍ରସାଦ ଦାସ,ଗୌରାଙ୍ଗ ପାଣିଗ୍ରାହି,ବିକାଶ ପାଢ଼ୀ ପ୍ରମୁଖ ଶତାଧିକ ବ୍ୟକ୍ତି ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ ।ସନ୍ଧ୍ୟାରେ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଶ୍ରୀଯୁକ୍ତ ଗୁକୁଳା ନନ୍ଦ ମଲ୍ଲିକ,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଶ୍ରୀକାନ୍ତଙ୍କ ଅବୟବରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।

ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ସ୍ୱାୟତ୍ତ ଶାସନ ଦିବସ-୨୦୨୪ ପାଳନ ଅବସରରେ ପାରାଦ୍ୱୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ବିକାଶ ଆମର ସଂକଳ୍ପ :-

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ।

୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ ।

୩. ଘରର ଆବର୍ଜନା ଏଣେତେଣେ ନପକାଇ, ପୃଥକୀକରଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଗାଡିରେ ଦିଅନ୍ତୁ ।

୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାୟିତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ ।

୫.ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।

ସ୍ୱଚ୍ଛ ପାରାଦ୍ୱୀପ – ସୁସ୍ଥ ପାରାଦ୍ୱୀପ

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ବାରିପଦା ପୌରପାଳିକା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ – ୨୦୨୪ ଅବସରରେ ବାରିପଦାବାସୀଙ୍କୁ ପୌରପରିଷଦର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା ।

ସୀମା ଦାସ	ଡ଼ା. ମଧୁସ୍ମିତା ସାମନ୍ତରାଏ,	କୃଷ୍ଣାନନ୍ଦ ମହାନ୍ତି
ଉପ-ନଗରପାଳ	ଓ.ପ୍ର.ସେ (ଏସ.ବି.)	ନଗରପାଳ ବାରିପଦା
ଓ ସମସ୍ତ କାଉନସିଲର ବୃନ୍ଦ	ନିର୍ବାହୀ ଅଧିକାରୀ, ବାରିପଦା	ପୌରପାଳିକା
ବାରିପଦା ପୌରପାଳିକା	ପୌରପାଳିକା	

ଭୁବନେଶ୍ୱର ମହାନଗର ନିଗମ

ତା.୩୧.୦୮.୨୦୨୪

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଭୁବନେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ ।
"ଆସନ୍ତୁ ପରସ୍ପର ସହଯୋଗରେ ଆମ ଭୁବନେଶ୍ୱରର ପ୍ରଗତିକୁ ଆଗେଇ ନେବା"
ଭୁବନେଶ୍ୱର ମହାନଗର ନିଗମର ମୂଳମନ୍ତ୍ର :- ସହଭାଗୀତା ମାଧ୍ୟମରେ ପ୍ରଗତି

-:କାର୍ଯ୍ୟସୂଚୀ:-

ପୂର୍ବାହ୍ନ ଅଧିବେଶନ (ସକାଳ)
ଘ. ୭.୩୦ ମିନିଟ : ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ
ଘ. ୮.୧୫ ମିନିଟ : ଆଶ୍ରୟ ସ୍ଥଳି ଗୁଡିକରେ ପୋଷାକ ଓ ଫଳ ବଣ୍ଟନ

ମଧ୍ୟାହ୍ନ ଅଧିବେଶନ
ଘ.୧୨.୩୦ ମିନିଟ୍ : ବିଏମ୍‌ସି କାର୍ଯ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

ଆମନ୍ତ୍ରିତ ଅତିଥି ବୃନ୍ଦ

ଶ୍ରୀମତୀ ଅପରାଜିତା ଷଡଙ୍ଗୀ
ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ମାନ୍ୟବର ବିଧାୟକ, ମଧ୍ୟ ଭୁବନେଶ୍ୱର
ଶ୍ରୀଯୁକ୍ତସୁଶାନ୍ତ କୁମାର ରାଉତ
ମାନ୍ୟବର ବିଧାୟକ, ଉତ୍ତରଭୁବନେଶ୍ୱର
ଶ୍ରୀଯୁକ୍ତ ବାବୁ ସିଂ
ମାନ୍ୟବର ବିଧାୟକ, ଏକାମ୍ର ଭୁବନେଶ୍ୱର
ଶ୍ରୀଯୁକ୍ତ ବିଭୁତି ଭୂଷଣ ବଳବନ୍ତରାୟ
ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ
ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଂଜୁଲତା କହଁର
ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଏବଂ
ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ/ଅଧ୍ୟକ୍ଷା,
କର୍ପୋରେଟର ଓ କର୍ମଚାରୀବୃନ୍ଦ, ଭୁବନେଶ୍ୱର ମହାନଗର ନିଗମ

*ତା ୦୨-୦୯-୨୦୨୪ ରିଖ ଏବଂ
ତା ୦୩-୦୯-୨୦୨୪ ରିଖ
ଭୁବନେଶ୍ୱର ମହାନଗର ନିଗମ
ରିକ୍ରେସନ କ୍ଲବ ସଦସ୍ୟଙ୍କ ଦ୍ୱାରା ପରିବେଶଣ ହେବ
ନାଟକ: ସତ୍ୟ ଶିବ ସୁନ୍ଦର
ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମୟ: ସଂଧ୍ୟା ୬.୩୦ ଘଟିକା

ସାଂଧ୍ୟ ଅଧିବେଶନ
ସ୍ଥାନ : ଜୟଦେବ ଭବନ
ଘ. ୫.୩୦ : ସାଧାରଣ ସଭା
ଘ. ୬.୦୦ : ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷ / ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ।

ମୁଖ୍ୟ ଅତିଥି

ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର
ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର

ସମ୍ମାନିତ ଅତିଥି ବୃନ୍ଦ

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମାନ୍ୟବର ମନ୍ତ୍ରୀ, ଅବକାରୀ, ଆଇନ ଓ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
ଶ୍ରୀମତୀ ଅପରାଜିତା ଷଡଙ୍ଗୀ
ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ମାନ୍ୟବର ବିଧାୟକ, ମଧ୍ୟ ଭୁବନେଶ୍ୱର
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ମାନ୍ୟବର ବିଧାୟକ, ଉତ୍ତର ଭୁବନେଶ୍ୱର
ଶ୍ରୀଯୁକ୍ତ ବାବୁ ସିଂ
ମାନ୍ୟବ ରବିଧାୟକ, ଏକାମ୍ର ଭୁବନେଶ୍ୱର
ଶ୍ରୀଯୁକ୍ତ ବିଭୁତି ଭୂଷଣ ବଳବନ୍ତରାୟ
ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ
ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଂଜୁଲତା କହଁର
ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ମହିର କୁମାର ରାଉତ
ଅଧ୍ୟକ୍ଷ, ସାଂସ୍କୃତିକ ଷ୍ଟାଣ୍ଡିଂକମିଟି, ଭୁବନେଶ୍ୱର ମହାନଗର ନିଗମ
ଏବଂ
ସମସ୍ତ ଷ୍ଟାଣ୍ଡିଂକମିଟିର ଅଧ୍ୟକ୍ଷ/ଅଧ୍ୟକ୍ଷା, କର୍ପୋରେଟର ଓ କର୍ମଚାରୀବୃନ୍ଦ, ଭୁବନେଶ୍ୱର ମହାନଗର ନିଗମ

କମିଶନର, ଭୁବନେଶ୍ୱର ମହାନଗର ନିଗମ **ମେୟର, ଭୁବନେଶ୍ୱର ମହାନଗର ନିଗମ**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo